



ଶୁକ୍ରବାର ଗାନ୍ଧୀମାର୍ଗରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସର ଝଲକ

## ରାଜ୍ୟସ୍ତରୀୟ ପଦକ ପ୍ରଦାନ ଉତ୍ସବ

# ୫୦ ପୁଲିସ ସମ୍ବର୍ଦ୍ଧିତ




**ଭୁବନେଶ୍ୱର,୨୭ ।୧(ସମିସ):** ସାଧାରଣତନ୍ତ୍ର ଦିବସ ଅବସରରେ ରାଜ୍ୟପାଳ ରଘୁବର ଦାସ ରାଜ୍ୟ ପୁଲିସର ୫୦ଜଣ କର୍ମଚାରୀ ଓ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ରାଜ୍ୟ ପୁଲିସର ବିଭିନ୍ନ ସେବାରେ କାର୍ଯ୍ୟରତ ଏହି ଅଫିସର ଓ କର୍ମଚାରୀମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ଓ ପ୍ରଦର୍ଶନ ପାଇଁ ସମ୍ବର୍ଦ୍ଧିତ କରାଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା ଓ ପୁଲିସ ଡିଜି ଅରୁଣ ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ଏହି ରାଜ୍ୟସ୍ତରୀୟ ପଦକ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଛି । ହୋମଗାର୍ଡ, ଅଗ୍ନିଶମ, ସିଭିଲ ଡିଫେନ୍ସ, ଜେଲ୍ ଓ ସାଧାରଣ ପୁଲିସ ବର୍ଗର କର୍ମଚାରୀ ଓ ଅଫିସରମାନଙ୍କୁ ଏହି ପଦକ ପ୍ରଦାନ କରାଯାଇଛି ।

ମାଓ-ବିରୋଧୀ ଅପରେସନ୍ ପାଇଁ ୩ଜଣ ଏସଓଜି ଯବାନ ଓ ଜଣେ ଡିଭିଏଫ ଯବାନଙ୍କୁ ସାହସିକତା ନିମନ୍ତେ ପୁଲିସ ମେଡାଲ ପ୍ରଦାନ କରାଯାଇଛି । ସେହିପରି ଦୁଇଜଣ ଆରକ୍ଷୀ ଅଧିକାରୀଙ୍କୁ ତାଙ୍କର ବିଶିଷ୍ଟ ସେବା ନିମନ୍ତେ ରାଷ୍ଟ୍ରପତି ପଦକ ସହ ୧୫ହଜାର ଟଙ୍କାର ପୋତ୍ସାହନ ରାଶି ଓ ମାନପତ୍ର ପ୍ରଦାନ କରାଯାଇଥିଲା । ୧୧ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ତାଙ୍କର ଉଲ୍ଲେଖନୀୟ ଦେବା ନିମନ୍ତେ ରାଷ୍ଟ୍ରପତି ପଦକ ସହ ୭ହଜାର ୫ଶହ ଟଙ୍କାର ପୋତ୍ସାହନ ରାଶି ଓ ମାନପତ୍ର ପ୍ରଦାନ କରାଯାଇଛି । ୨୦୨୩ ମସିହା ସ୍ୱାଧୀନତା ଦିବସ ନିମନ୍ତେ ରାଜ୍ୟ ଆରକ୍ଷୀ ବାହିନୀର ୨୦ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ରାଜ୍ୟପାଳ ପଦକ ଓ ମାନପାତ୍ର ପ୍ରଦାନ କରାଯାଇଥିଲା । ରାଜ୍ୟ ଅଗ୍ନିଶମ ସେବା ବର୍ଗର ଜଣଙ୍କୁ ୨୦୨୩ ସ୍ୱାଧୀନତା ଦିବସ ପାଇଁ ରାଷ୍ଟ୍ରପତିଙ୍କ ପ୍ରଦତ୍ତ ସାହସିକତା ପଦକ ପ୍ରଦାନ କରାଯାଇଥିବା ବେଳେ ଦୁଇ ଜଣଙ୍କୁ ପ୍ରଶଂସନୀୟ ସେବା ପଦକ ପ୍ରଦାନ କରାଯାଇଥିଲା । ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ବାହିନୀ ବର୍ଗରେ ୩ଜଣଙ୍କୁ ରାଷ୍ଟ୍ରପତିଙ୍କ ପ୍ରଦତ୍ତ ପ୍ରଶଂସନୀୟ ସେବା ପଦକ ପ୍ରଦାନ କରାଯାଇଛି । ଅଗ୍ନିଶମ ଓ ଜରୁରୀକାଳୀନ ସେବା ବର୍ଗର ଦୁଇଜଣ ଅଧିକାରୀଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସେବା ନିମନ୍ତେ ୨୦୨୩ ସ୍ୱାଧିନତା ଦିବସ ପାଇଁ ପ୍ରଶଂସନୀୟ ସଂସ୍କାର ଦେବା ପଦକ ୭୫୦୦ ଟଙ୍କାର ପୋତ୍ସାହନ ରାଶି ଓ ମାନପତ୍ର ପ୍ରଦାନ କରାଯାଇଛି । ଏହି ଅବସରରେ ୨୦୨୪ ସାଧାରଣନ୍ତ୍ର ଦିବସ ପାଇଁ ପଦକ ତାଲିକା ଘୋଷଣା କରାଯାଇଥିଲା । ଏଥିରେ ସାହସିକତା, ବିଶିଷ୍ଟ ସେବା ଓ ଉଲ୍ଲେଖନୀୟ ସେବା ପାଇଁ ୩୩ ଜଣଙ୍କ ନାମ ଘୋଷଣା କରାଯାଇଛି । ପଦକ, ପାନପତ୍ର ଓ ପୋତ୍ସାହନ ରାଶି ପ୍ରଦାନ କରାଯାଇଛି ।

### ମାଓ ଅପରେସନ୍ ପାଇଁ ୩ଜଣଙ୍କୁ ସାହସିକତା ପୁଲିସ ମେଡାଲ

ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ର ନବୀନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ପ୍ରଦୀକ କୁମାର ଜେନା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ, ରାଜ୍ୟ କାରାଗାର ଓ ସଂସ୍କାର ସେବା ମହାନିର୍ଦ୍ଦେଶକ ଅମୃତ ମୋହନ ପ୍ରସାଦ, ରାଜ୍ୟ ଅଗ୍ନିଶମ, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ସେବା ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ଗୃହ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଶ୍ରୀନଅରରେ ଗଜପତିଙ୍କ ପୁଷ୍ୟାଭିଷେକ



**ପୁରୀ,୨୭ ।୧(ସମିସ):** ପୁଷ୍ୟା ନକ୍ଷତ୍ର ଯୋଗରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପୁଷ୍ୟାଭିଷେକ ଶ୍ରୀନଅରଠାରେ ଶୁକ୍ରବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଛି । ଏଥିରେ ବରୁଣ ପୂଜା, ପଞ୍ଚଦେବତା ପୂଜା, ବର୍ଦ୍ଧନି କଳସୀ ପୂଜା ଏବଂ ରାମାଭିଷେକ ପଟି ପୂଜା ଅନୁଷ୍ଠିତ ହୋଇଥିଲା । ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ ଏହି କାର୍ଯ୍ୟ ସମ୍ପାଦନ କରିଥିଲେ । ଗଜପତି ଏବଂ ମହାରାଣୀଙ୍କ ବନ୍ଦାପନା ପରେ ଗଜପତିଙ୍କୁ ପଇତାଲାଗି ଏବଂ ମହାପ୍ରସାଦ ପ୍ରଦାନ କରାଯାଇଥିଲା । ଗଜପତି ଗାଦିକୁ ବିଜେ କରିବା ପରେ ଷୋଳ ଶାସନ ବ୍ରାହ୍ମଣ ଓ ପଣ୍ଡିତମାନେ ନଡ଼ିଆ ଏବଂ ପଇତା ପ୍ରଦାନ କରିବା ସହ ଆଶୀର୍ବାଦ ଦେଇଥିଲେ । ବିଜେ କାହାଳୀ, ତେଲିଙ୍ଗି ବାଜା ଓ ଝାଞ୍ଜ ଆଦି ପାରମ୍ପରିକ ବାଦ୍ୟରେ ଶ୍ରୀନଅର ପ୍ରକମ୍ପିତ ହୋଇଥିଲା ।

ଏ ସମ୍ପର୍କରେ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ କହିଛନ୍ତି, ଏହା ଶ୍ରୀନଅରର ଏକ ପାରମ୍ପରିକ ପର୍ବ । ପ୍ରଥମେ ପଞ୍ଚଦେବତା ପୂଜାଠାରୁ ଆରମ୍ଭ କରି ବିଭିନ୍ନ ଶାସ୍ତ୍ରୀୟ ପୂଜା କରାଯାଏ । ଏହାପରେ ଅଭିଷକ ନୀତି ସମ୍ପନ୍ନ ହୁଏ । ଗଜପତିଙ୍କୁ ମଙ୍ଗଳାର୍ପଣ ଓ ପରେ ଅଭିମନ୍ତ୍ରିତ ଜଳରେ ଅଭିଷେକ କରାଯାଏ । ଗଜପତି ଗାଦି ଘରକୁ ବିଜେ କରନ୍ତି । ଷୋଳ ଶାସନ ବ୍ରାହ୍ମଣମାନେ ଆଣିଥିବା ପଇତା ପ୍ରଦାନ କରିବା ସହିତ ଆଶୀର୍ବାଦ ଦେଇଥାନ୍ତି । ଗଜପତିଙ୍କ ରାଜ୍ୟ ଶାସନ ଶୁଭ ମଙ୍ଗଳରେ ଚାଲୁ ଏବଂ ଜଗତର କଲ୍ୟାଣ ହେଉ ବୋଲି ବ୍ରାହ୍ମଣମାନେ ଆଶିଷ ପ୍ରଦାନ କରିଥାନ୍ତି ।

# ମହୋଦଧିରେ ସ୍ନାନ କରି ପ୍ରାୟଶ୍ଚିତ କଲେ କଂସ

## ମହାପ୍ରଭୁଙ୍କୁ କ୍ଷମା ମାଗିଲେ, ଶଙ୍କରାଚାର୍ଯ୍ୟଙ୍କଠୁ ଆଶୀର୍ବାଦ ନେଲେ

**ପୁରୀ, ୨୭ ।୧ (ସମିସ):** ଗତ ଗୁରୁବାର ଶେଷ ହୋଇଛି ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା । ମୁକ୍ତାକାଶ ରଙ୍ଗମଞ୍ଚରେ ପଡ଼ିଛି ଯବନିକା । ତେବେ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିବା ହୃଷୀକେଶ ଭୋଇ ଶୁକ୍ରବାର ପୁରୀ



ଆସି ପବିତ୍ର ମହୋଦଧିରେ ସ୍ନାନ ସାରି ପ୍ରାୟଶ୍ଚିତ କରିଛନ୍ତି । ଅଭିନୟରେ ଭଗବାନ କୃଷ୍ଣ ବଳରାମଙ୍କ ଉଦ୍ଦେଶ୍ୟରେ ଦେଇଥିବା ନିନ୍ଦାସୂଚକ ଶବ୍ଦ ପାଇଁ ଅନୁତାପ କରି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ କ୍ଷମାପ୍ରାର୍ଥନା କରିଛନ୍ତି । ଏଥିସହ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପାଖରେ ଭୁଲ୍ ସ୍ୱୀକାର କରି ତାଙ୍କଠାରୁ ଆଶୀର୍ବାଦ ନେଇଛନ୍ତି ।

ଶୁକ୍ରବାର ପୂର୍ବାହ୍ନରେ ହୃଷୀକେଶ ଗୋବର୍ଦ୍ଧନ ପୀଠରେ ପହଞ୍ଚିଥିଲେ । ପୀଠର ଇଷ୍ଟଦେବୀ ମା' ବିମଳା, ଗୋବର୍ଦ୍ଧନ ନାଥଙ୍କ ଦର୍ଶନ କରିଥିଲେ । ପରେ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ସାକ୍ଷାତ୍ କରି ଅଭିନୟରେ କୃଷ୍ଣ ବଳାରାମଙ୍କ ପ୍ରତି ଯେଉଁ କଟୁ ମନ୍ତବ୍ୟ ଦେଇଥିଲେ, ସେଥିପାଇଁ ପଶ୍ଚାତାପ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ସେଠାରୁ ଯାଇ ମହୋଦଧିରେ ସ୍ନାନ କରିବା ସହ ପଇତା ବିସର୍ଜନ କରିଥିଲେ । ଏହାପରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ।


ଧନୁଯାତ୍ରା ଶେଷ ହେବା ପରେ ଶ୍ରୀକ୍ଷେତ୍ର ଆସିବା ସମ୍ପର୍କରେ ହୃଷୀକେଶ କହିଛନ୍ତି, ଧନୁଯାତ୍ରାର ଅନ୍ତିମ ଦିବସରେ କୃଷ୍ଣ ବଳାରାମଙ୍କ ସହ ମୋର ଯୁଦ୍ଧ ହେଲା । ତ୍ରାହି ପାଇଗଲି ରାକ୍ଷସ ଜନ୍ମରୁ । ହେଲେ ଧନୁଯାତ୍ରାରେ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ସମସ୍ତେ ଭକ୍ତି କରୁଥିବା ବେଳେ ମୁଁ ତାଙ୍କୁ ଗାଳି, ଈର୍ଷା ଆଉ କଟୁ ମନ୍ତବ୍ୟ ଦେଇ ବଦ୍‌ନାମ କରିଛି । ମନରେ ହୃଦୟରେ ମହାପ୍ରଭୁ ଜଗନ୍ନାଥ ଏବଂ କୃଷ୍ଣ ରହିଥିଲେ ହେଁ ମୋତେ ଅଭିନୟ କରିବାକୁ ପଡ଼ିଛି । ଏପରିକି ବଧ କରିବା ଲାଗି ତାଙ୍କ ଉପରକୁ ଖଣ୍ଡା ମଧ୍ୟ ଉଠାଇଛି । ଏହି କଳିଯୁଗରେ ଯଦି ଭଗବାନଙ୍କ ସହ ଏପରି ଆଚରଣ କେହି କରେ, ତା'ଠୁ ବଳି ମହାପାପୀ ଆଉ ଦୁନିଆରେ କେହି ନୁହଁନ୍ତି । ତେଣୁ ସେହି ପାପରୁ ତ୍ରାହି ପାଇବା ପାଇଁ ମହୋଦଧିରେ ସ୍ନାନ କରି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କଠାରୁ ଆଶୀର୍ବାଦ ନେଇଛି । ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ପାପରୁ ମୁକ୍ତି ପାଇବା ପାଇଁ କ୍ଷମାପ୍ରାର୍ଥନା କରିଛି ବୋଲି କହିଛନ୍ତି ହୃଷୀକେଶ ।

## ଚତୁର୍ଥ ଜାତୀୟ ଚିଲିକା ବିହଙ୍ଗ ଉତ୍ସବ ଉଦ୍‌ଘାଟିତ

# ଚିଲିକା ଓ ବିଦେଶାଗତ ପକ୍ଷୀଙ୍କୁ ଅତି ନିକଟରୁ ଜାଣିବାର ସୁଯୋଗ

**ଭୁବନେଶ୍ୱର, ୨୭ ।୧(ସମିସ):** ଚତୁର୍ଥ ଜାତୀୟ ଚିଲିକା ବିହଙ୍ଗ ଉତ୍ସବକୁ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି । ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି, ଏସିଆର ସର୍ବବୃହତ୍ ଲୁଣା ହ୍ରଦ ଚିଲିକା ହେଉଛି ଲକ୍ଷାଧିକ ବିଦେଶାଗତ ପକ୍ଷୀମାନଙ୍କ ବିଚରଣସ୍ଥଳୀ । ଏହି ମହୋତ୍ସବ ପକ୍ଷୀପ୍ରେମୀମାନଙ୍କୁ ଅତି ନିକଟରୁ ଚିଲିକା ଓ ବିଦେଶାଗତ ପକ୍ଷୀମାନଙ୍କୁ ଜାଣିବାର ସୁଯୋଗ ଆଣିଦେବ । ପର୍ଯ୍ୟଟନ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ ପର୍ଯ୍ୟଟନ କ୍ଷେତ୍ରରେ ଏହା ଏକ ନୂଆ ଦିଗନ୍ତ ଆଣିଦେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଏହି ଅବସରରେ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଲେ, ରାଜ୍ୟର ଆର୍ଦ୍ରଭୂମିର ସୁରକ୍ଷା ଓ ପକ୍ଷୀ ସଂରକ୍ଷଣ ଦିଗରେ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ଉତ୍ସବ ତା'ର ସଫଳତାର ନିଦର୍ଶନ ବହନ କରୁଛି । ଚଳିତ ବର୍ଷ ପକ୍ଷୀ ଗଣନା ଅନୁଯାୟୀ, ୧୮୭ ପ୍ରଜାତିର ପ୍ରାୟ ୧୧ ଲକ୍ଷ ୩୭ ହଜାର ପକ୍ଷୀ ଆସିଥିବା



ଗଣନା କରାଯାଇଛି । ଓଟିଡିସି ଅଧ୍ୟକ୍ଷ ଲେନିନ୍ ମହାନ୍ତି କହିଲେ, ଚିଲିକାର ମଙ୍ଗଳାଯୋଡ଼ି ହେଉଛି ଗୋଷ୍ଠୀଭିତ୍ତିକ ଜୈବବିଧତାର ସୁରକ୍ଷା ଓ ପକ୍ଷୀମାନଙ୍କୁ ଦେଖିବାର ଏକ ଉତ୍କୃଷ୍ଟ ସ୍ଥାନ । ପର୍ଯ୍ୟଟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର କହିଲେ, ପରିବେଶ ସଂରକ୍ଷଣ ଓ ପର୍ଯ୍ୟଟନ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ଚିଲିକା ବିହଙ୍ଗ ଉତ୍ସବ ଏକ ଭିନ୍ନ ବାର୍ତ୍ତା ପ୍ରଦାନ କରୁଛି ।

ଭାରତୀୟ ବନ୍ୟଜନ୍ତୁ ପ୍ରତିଷ୍ଠାନର ବୈଜ୍ଞାନିକ ଡ. ସୁରେଶ କୁମାର, ପ୍ରସିଦ୍ଧ ଲେଖକ ଓ ପକ୍ଷୀପ୍ରେମୀ ପଞ୍ଚମୀ ମନୁ ଉକିଲ୍ ପ୍ରମୁଖ ଯୋଗଦେଇ ଚିଲିକାର ଜୈବବିବିଧତା, ବୈଜ୍ଞାନିକ ଗବେଷଣା, ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପକ୍ଷୀ ପର୍ଯ୍ୟଟନ ଅନୁଭୂତି ନିଆରା ବୋଲି ମତବ୍ୟକ୍ତ କରିଥିଲେ । ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ସ୍ୱାଗତ ଭାଷଣ ଦେଇଥିବା ବେଳେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମନୋଜ ନାୟାର ଧନ୍ୟବାଦ ଦେଇଥିଲେ ।

ଏହି ଉତ୍ସବ ଅବସରେରେ ଆସନ୍ତା ଦୁଇଦିନ ଧରି ଅଂଶଗ୍ରହଣକାରୀ ଓ ପ୍ରତିନିଧି ମଣ୍ଡଳୀ ମଙ୍ଗଳାଯୋଡ଼ି ଓ ନଳବଣରେ ପକ୍ଷୀ-ପର୍ଯ୍ୟଟନରେ ଅଂଶଗ୍ରହଣ କରିବେ । ଆଜିର ଉଦ୍‌ଘାଟନୀ ଉତ୍ସବରେ ଦ ଷ୍ଟେଟ୍ ଅଫ୍ ଇଣ୍ଡିଆଜ୍ ବାର୍ଡ ପୋଷ୍ଟର ଓ ଭିଡିଓ ଉନ୍ମୋଚିତ ହୋଇଛି । ଏଥିରେ ଭାରତରେ ଦେଖାଯାଉଥିବା ବିଭିନ୍ନ ପକ୍ଷୀମାନଙ୍କ ସମ୍ପର୍କରେ ଉଲ୍ଲେଖ ରହିଛି । ପ୍ରାୟ ୧୩ ହଜାର ପକ୍ଷୀପ୍ରେମୀ ଏହି ପ୍ରକ୍ରିୟାରେ ଅଂଶଗ୍ରହଣ କରିଛନ୍ତି ।

ଏହି ଅବସରରେ ଏକ ଫଟୋ ପ୍ରଦର୍ଶନୀ ଆୟୋଜିତ ହୋଇଛି । ଏଥିରେ ଫଟୋଗ୍ରାଫର ଶକ୍ତି ନନ୍ଦ, ଉମାକାନ୍ତ ବିଶ୍ୱାଳ, ଧୃତିମାନ୍ ମୁଖାର୍ଜୀ ଏବଂ ଅନ୍ୟ ପ୍ରସିଦ୍ଧ ଫଟୋଗ୍ରାଫରଙ୍କ କୃତିକୁ ସ୍ଥାନିତ କରାଯାଇଛି । ଚିଲିକାରେ ନୌବିହାର କରୁଥିବା ବିଦେଶାଗତ ପକ୍ଷୀମାନଙ୍କ ବିଚରଣ ଓ ବିଭିନ୍ନ ସମୟର ମନମୁଗ୍ଧକର ଫଟୋଚିତ୍ର ଏଥିରେ ପ୍ରଦର୍ଶିତ ହୋଇଛି । ଚିଲିକାର ଜୈବବିବିଧତାକୁ ନିଖୁଣ ଭାବେ ଏଥିରେ ସ୍ଥାନିତ କରାଯାଇଛି । ଏହି ତିନିଦିନିଆ ଉତ୍ସବରେ ଦେଶର ବଛାବଛା ୫୨ଜଣ ପକ୍ଷୀପ୍ରେମୀ ଭାଗ ନେଇଥିଲେ । ଏଥିସହ ବିଭିନ୍ନ କର୍ମଶାଳା ଏବଂ ପକ୍ଷୀ ବିଶେଷଜ୍ଞମାନଙ୍କ ସହ ଆଲୋଚନାଚକ୍ର ଅନୁଷ୍ଠିତ ହେବ ।




## ■ ୮୪ତମ ସର୍ବଭାରତୀୟ ପ୍ରିଜାଇଡିଂ ଅଫିସର ସମ୍ମିଳନୀ

# ଗୃହକାର୍ଯ୍ୟରେ ଶୃଙ୍ଖଳା ବଜାୟ ରହିବା ଉଚିତ: ବାଚସ୍ପତି



**ଭୁବନେଶ୍ୱର, ୨୭ ।୧(ସମିସ):** ବିଧାନସଭାର ବିଶ୍ୱସନୀୟତା ଏହାର ସଦସ୍ୟମାନଙ୍କ ଶୃଙ୍ଖଳା ଓ ଆଚରଣ ସଂହିତା ପାଳନ ଉପରେ ନିର୍ଭର କରେ । ବିଧାନସଭାର ମୁଖ୍ୟ କାର୍ଯ୍ୟ ଆଇନ ପ୍ରଣୟନ ହୋଇଥିବା ବେଳେ କାର୍ଯ୍ୟନିର୍ବାହୀ ବିଭିନ୍ନ କାର୍ଯ୍ୟର ଯାଞ୍ଚ ଓ ତର୍ଜମା କରିଥାଏ । ତେବେ ଗତ କିଛି ବର୍ଷ ମଧ୍ୟରେ ବିଧାୟକଙ୍କ ବିଶୃଙ୍ଖଳିତ ଆଚରଣ ବୃଦ୍ଧି ହେତୁ ବିଧାନସଭା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ଅଧିବେଶନ କାର୍ଯ୍ୟବିଧି ସମୟରେ ଗୃହକାର୍ଯ୍ୟରେ ବାରମ୍ବାର ବ୍ୟାଘାତ ଅର୍ଥପୂର୍ଣ୍ଣ ଏବଂ ଫଳପ୍ରଦ ଆଲୋଚନାକୁ ବ୍ୟାହାତ କରୁଛି । ଏହାଦ୍ୱାରା ଅନୁଷ୍ଠାନର ଭାବମୂର୍ତ୍ତି କ୍ଷୁଣ୍ଣ ହେଉଛି ବୋଲି ଓଡ଼ିଶା ବିଧାନସଭାର ବାଚସ୍ପତି ପ୍ରମିଳା ମଲ୍ଲିକ ପ୍ରକାଶ କରିଛନ୍ତି । ମହାରାଷ୍ଟ୍ରର ମୁମ୍ବାଇଠାରେ ଆୟୋଜିତ ୮୪ତମ ସର୍ବଭାରତୀୟ ପ୍ରିଜାଇଡିଂ ଅଫିର୍‌ଙ୍କ ସମ୍ମିଳନୀ ଓ ଆଇନ ପ୍ରଣୟନ ସଂସ୍ଥାର ସଚିବମାନଙ୍କ ୬୦ତମ ସମ୍ମିଳନୀରେ ଯୋଗଦେଇ ବାଚସ୍ପତି ଏହା କହିଛନ୍ତି । ଏହି ଅବସରରେ ସେ 'ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକରେ ଲୋକମାନଙ୍କର ବିଶ୍ୱାସକୁ ଦୃଢ଼ କରିବା-ଦେଶର ସାଂସଦ, ରାଜ୍ୟ ଓ କେନ୍ଦ୍ରଶାସିତ ବିଧାନସଭାରେ ଆଇନ ଶୃଙ୍ଖଳା ଓ ଶିଷ୍ଟାଚାର ବଜାୟ ରଖିବା ଆବଶ୍ୟକ' ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଛନ୍ତି । ସମ୍ମିଳନୀରେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା ଓ ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ଅଧ୍ୟକ୍ଷତା କରିଥିଲେ । ଓଡ଼ିଶା ବିଧାନସଭାର ସଚିବ ଦାଶରଥୀ ଶତପଥୀ ଆଇନ ପ୍ରଣୟନ ସଂସ୍ଥାର କାର୍ଯ୍ୟ ପଦ୍ଧତିରେ ଟେକ୍ନୋଲୋଜିର ବ୍ୟବହାରର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋକପାତ କରିଛନ୍ତି । କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ସାଲୁଗା ପ୍ରଧାନ ମଧ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।








# ଭୁବନେଶ୍ୱର ସିଟି

# ଶିଶୁକନ୍ୟାକୁ ଛାଡ଼ି ଚାଲିଗଲେ ବାପାମାଆ

ଭୁବନେଶ୍ୱର, ୨୭ ।୧(ସମିସ):

କ୍ୟାପିଟାଲ୍ ହସ୍ପିଟାଲରେ ୨୭ଦିନର ଶିଶୁକନ୍ୟାକୁ ଛାଡ଼ି ପଳାଇଲେ ବାପା ଓ ମାଆ। ଶିଶୁକନ୍ୟାର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହେବା ପରେ ଖୋଜାପଡ଼ିଲେ ଦମ୍ପତି । କିନ୍ତୁ ହସ୍ପିଟାଲରେ ଶିଶୁକନ୍ୟାର ବାପା କିମ୍ବା ମା' ଭିତରୁ କାହାର ଦେଖା ନ ଥିଲା । ଏମିତିକି ସେମାନେ ଦେଇଥିବା ଫୋନ୍ ନମ୍ବରରେ ହସ୍ପିଟାଲ କର୍ତ୍ତୃପକ୍ଷ ଯୋଗାଯୋଗ କରାଯାଇଥିଲେ ବି ତାହାକୁ ଉଠାଇ ନ ଥିଲେ। ଦିନ କି ଦୁଇ ଦିନ ନୁହେଁ ସପ୍ତାହେ ହେବ ଶିଶୁକନ୍ୟାର ବାପା ଓ ମାଆ ହସ୍ପିଟାଲକୁ ନ ଆସିବାରୁ ପୁଲିସର ସନ୍ଦେହ

- **ମାଆକୁ ଚିହ୍ନଟ କଲା କ୍ୟାପିଟାଲ୍ ଥାନା ପୁଲିସ**
- **ଶିଶୁକନ୍ୟାକୁ ଭେଟିବାକୁ ଆଜି ଆସିବେ ହସ୍ପିଟାଲ**

ବଢ଼ିଥିଲା । ସବୁଆଡ୍ରୁ ନିରାଶ ହେବା ପରେ ହସ୍ପିଟାଲ କର୍ତ୍ତୃପକ୍ଷ ଏସଂକ୍ରାନ୍ତରେ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁକରି ସିସିଟିଭି ଆଧାରରେ ଶିଶୁକନ୍ୟାର ବାପା ଓ ମା'କୁ ଚିହ୍ନଟ କରିଥିଲା। ଶିଶୁକନ୍ୟା ମାଆ ନିଜ ମାଆର ଦେହ ଅସୁସ୍ଥ ଥିବାରୁ ସେ ପିଲାକୁ ଛାଡ଼ି ପଳାଇଥିଲା ବୋଲି ପୁଲିସ ଆଗରେ ସଫେଇ ଦେଇଛନ୍ତି। ଶିଶୁକନ୍ୟାକୁ ଭେଟିବାକୁ ଆସନ୍ତାକାଲି ତାଙ୍କ ମାଆ ହସ୍ପିଟାଲ ଆସିବେ ବୋଲି ବିଶେଷସୂତ୍ରରୁ ସୂଚନା ମିଳିଛି ।

ମିଳିଥିବା ସୂଚନା ଅନୁଯାୟୀ, ନୟାଗଡ଼ର ପ୍ରଶାନ୍ତ ନାୟକଙ୍କ ପତ୍ନୀ ମମତା ନୟାଗଡ଼ ହସ୍ପିଟାଲରେ ଏକ ଶିଶୁକନ୍ୟା ପ୍ରସବ କରିଥିଲେ। ଛୁଆର ଓଜନ ୮୬୦ ଗ୍ରାମ୍ ଥିଲା। ତେଣୁ ଶିଶୁଟିକୁ ଏସ୍ଏନ୍ସିୟୁରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶିଶୁକନ୍ୟାର ସ୍ୱାସ୍ଥ୍ୟବସ୍ଥା ଜଟିଳ ହେବାରୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲକୁ ଅଣାଯାଇଥିଲା। ୧୮ ତାରିଖରେ ବାପା ପ୍ରଶାନ୍ତ ଓ ମାଆ ମମତା ଶିଶୁକନ୍ୟାକୁ ଧରି କ୍ୟାପିଟାଲ୍ ହସ୍ପିଟାଲ୍ ଆସିଥିଲେ। ଆବଶ୍ୟକ କାଗଜପତ୍ର ଦାଖଲ କରିବା ପରେ ଛୁଆକୁ ଏସ୍ଏନ୍ସିୟୁରେ ରଖାଯାଇଥିଲା। ଛୁଆର ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ଥିବାରୁ ନିୟମିତ ବ୍ୟବଧାନରେ ଔଷଧ ଓ ରକ୍ତ



ଦିଆଯାଉଥିଲା । ମାତ୍ର ପରବର୍ତ୍ତୀ ସମୟରେ ବାପା ଓ ମା'ଙ୍କ ଦେଖା ନ ଥିଲା । ଶିଶୁକନ୍ୟା ସମ୍ପର୍କରେ ସୂଚନା ଦେବା ପାଇଁ ମା' ମମତା ଓ ବାପା ପ୍ରଶାନ୍ତଙ୍କ ଫୋନ୍ କରାଯାଇଥିଲା। ମାତ୍ର ସେମାନେ ଫୋନ୍ ଉଠାଉ ନାହାନ୍ତି। ଶିଶୁକନ୍ୟା ହସ୍ପିଟାଲର ଏସ୍ଏନ୍ସିୟୁ ଚିକିତ୍ସିତ ଥିବା ବେଳେ ବାପା ଓ ମା' ଫୋନ୍ ଉଠାଉ ନଥିବାରୁ ମେଡିକାଲ କର୍ତ୍ତୃପକ୍ଷ ହରଡଘଣାରେ ପଡ଼ିଥିଲେ। ହସ୍ପିଟାଲ ପକ୍ଷରୁ କ୍ୟାପିଟାଲ ଥାନାରେ ଅଭିଯୋଗ କରାଯାଇଥିଲା ।

ଏନେଇ କ୍ୟାପିଟାଲ ପକ୍ଷରୁ ଶିଶୁକନ୍ୟାର ମା' ମମତାଙ୍କ ସହ ଯୋଗାଯୋଗ କରାଯାଇଥିଲା। ଶିଶୁକନ୍ୟା ଛାଡିବାର କାରଣ ନେଇ ମମତା କହିଛନ୍ତି ଯେ, ତାଙ୍କ ମା'ଙ୍କ ଦେହ ପ୍ରବଳ ଅସୁସ୍ଥ ଥିବା ବେଳେ ସେ ଚିକିତ୍ସାଧୀନ ଅଛନ୍ତି। ପାଖରେ ଦେଖାଶୁଣା ଲାଗି କେହି ନ ଥିବାରୁ ସେ ବାଧ ହୋଇ ନବଜାତକକୁ ହସ୍ପିଟାଲ ଛାଡ଼ି ଚାଲିଯାଇଛନ୍ତି। ଆସନ୍ତାକାଲି ଅର୍ଥାତ୍ ରବିବାର ସେ ହସ୍ପିଟାଲକୁ ଆସିବା ନେଇ ସୂଚନା ଦେଇଛନ୍ତି ବୋଲି କ୍ୟାପିଟାଲ ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି। ସେଭଳି ଆଉ ଶିଶୁକନ୍ୟାର ବାପାକୁ ଯୋଗାଯୋଗ ହୋଇପାରିନି ।

ସେପଟେ ମେଡିକାଲ୍ କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ, ଜଣେ ନର୍ମାଲ୍ ପିଲାର ଓଜନ ୨ କେଜି ୫୦୦ ଗ୍ରାମ ହେବା କଥା; କିନ୍ତୁ ଏହି ଛୁଆର ଓଜନ ୮୬୦ ଗ୍ରାମ। ତେଣୁ ପିଲାଟି ଅପରିପକ୍ୱ(ସମୟ ପୂର୍ବରୁ ଓ ଅସୁସ୍ଥ) ଭାବେ ଜନ୍ମ ନେଇଛି। ତାକୁ ପୂର୍ବରୁ ଗୋଟିଏ ରକ୍ତ ଦିଆଯାଇଥିବା ବେଳେ ଶନିବାର ଆଉ ଗୋଟିଏ ରକ୍ତ ଦିଆଯାଇଛି। ଶିଶୁର ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି। ତଥାପି ଶିଶୁକନ୍ୟାର ସ୍ୱାସ୍ଥ୍ୟବସ୍ଥାରେ ଆହୁରି ସୁଧାର ଆଣିବାକୁ ଆମେ ଆପ୍ରାଣ ଉଦ୍ୟମ କରୁଛୁ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି । ଅନ୍ୟପଟେ ଶିଶୁର ବାପା ଓ ମା'ଙ୍କ ଖୋଜଖବର ମିଳୁନଥିବାରୁ ଖୋର୍ଦ୍ଧା ଚାଇଲ୍ଡଲାଇନ୍କୁ ହସ୍ପିଟାଲ କର୍ତ୍ତୃପକ୍ଷ ଅବଗତ କରିଥିଲେ।

■ ହାଇୱା ନେଲା ଭଡ଼ା ଦେଲାନି

# ଦୁଇ ବର୍ଷ ପରେ ଧରାପଡ଼ିଲା

**ଭୁବନେଶ୍ୱର, ୨୭।୧ (ସମିସ):** ହାଇୱା ଗାଡ଼ି ଲିଜରେ ନେଲା, ହେଲେ ଚୁକ୍ତି ମୁତାବକ ଟଙ୍କା ଦେଲାନି। ଏଭଳି ଠକେଇରେ ସମ୍ପୃକ୍ତ ଜଣଙ୍କୁ ଦୁଇ ବର୍ଷ ପରେ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କାକଟପୁର ମଙ୍ଗଳା ସାହିର ଆଶିଷ କୁମାର ମହାନ୍ତି (୪୪) । ପୁଲିସ ସୂଚନା ଅନୁସାରେ, ଖୋର୍ଦ୍ଧା ବଣିଆ ଟାଙ୍ଗୀର ପ୍ରତିମା ଷଡ଼ଙ୍ଗୀ ଘରର ଭରଣପୋଷଣ ପାଇଁ ୨୦୧୭ ମସିହାରେ ତାଙ୍କ ନାମରେ ଗତ ଗୋଟିଏ ହାଇୱା ଟ୍ରକକୁ ଫାଇନାନ୍ସରେ କିଣିଥିଲେ। ମେହେକ ପରିବହନ ପ୍ରାଇଭେଟ୍ ଲିମିଟେଡ୍ର ମାଲିକ ଆଶିଷ ତାଙ୍କୁ ଯୋଗାଯୋଗ କରିଥିଲେ। ଆଶିଷ ନିଜ ସଂସ୍ଥାରେ ସେହି ହାଇୱାକୁ ନିୟୋଜିତ କରିବା ପାଇଁ ପ୍ରତିମାଙ୍କୁ ପ୍ରବର୍ତ୍ତାଇଥିଲେ। ମାସିକ ୭୦ହଜାର ଟଙ୍କା ଡ୍ରାଇଭର, ହେଲ୍ପର, ଗାଡ଼ିର ସମସ୍ତ ଛୋଟ, ପ୍ରମୁଖ ଖର୍ଚ୍ଚ ଓ ଆରଟିଓ ସମ୍ବନ୍ଧୀୟ ସମସ୍ତ ଦେୟ ଦେବାକୁ ମଧ୍ୟ ରାଜି ହୋଇଥିଲେ। ପ୍ରତିମା ଓ ତାଙ୍କ ପରିବାର ସଦସ୍ୟ ଏଥିରେ ରାଜି ହେବା ପରେ ଆଶିଷ ଠକିବା ପାଇଁ ଏକ ଚୁକ୍ତିନାମା ପ୍ରସ୍ତୁତ କରି ପ୍ରତିମାଙ୍କ ସ୍ୱାମୀଙ୍କ ଦସ୍ତଖତ ନେଇଥିଲେ। ପରବର୍ତ୍ତୀ ସମୟରେ ଆଶିଷ ସର୍ତ୍ତ ଅନୁଯାୟୀ ପ୍ରତିମାଙ୍କୁ କୌଣସି ଟଙ୍କା ଦେଇ ନ ଥିଲେ। ବାରମ୍ବାର କହିବା ପରେ ମଧ୍ୟ ସେ କିଛି ନ ଶୁଣିବାରୁ ପ୍ରତିମା ବାଧ ହୋଇ ଫାଇନାନ୍ସ କମ୍ପାନୀକୁ ସମୁଦାୟ ୪୮ଟି କିସ୍ତିରୁ ୨୦ଟି କିସ୍ତି ଜମା କରିଥିଲେ। ପରବର୍ତ୍ତୀ ସମୟରେ ପ୍ରତିମା ଅବଶିଷ୍ଟ ୧୯ ଲକ୍ଷ ୮୬ ହଜାର ୧୧୨ ଟଙ୍କା କିସ୍ତି ବାବଦକୁ ପରିଶୋଧ କରିବା ପାଇଁ ସମର୍ଥ ନ ହେବାରୁ ଫାଇନାନ୍ସ କମ୍ପାନୀ ତାଙ୍କ ଘରକୁ ଆସିଥିଲେ। ଅନ୍ୟ କୌଣସି ଉପାୟ ନ ପାଇ ପ୍ରତିମା ଏନେଇ ଏୟାରପୋର୍ଟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଥିଲା। ଶୁକ୍ରବାର ଆଶିଷକୁ ଗିରଫ କରିବା ସହିତ ସହ ତା' ହେପାଜତରୁ ହାଇୱାଟିକୁ ଜବତ କରିଥିଲା। କେବଳ ପ୍ରତିମା ନୁହଁନ୍ତି ବରଂ ଆହୁରି ଏକାଧିକ ଲୋକ ଆଶିଷ ଦ୍ୱାରା ଠକେଇର ଶିକାର ହୋଇଛନ୍ତି। ଆଶିଷ ଗିରଫ ହେବା ପରେ ତା' ନାମରେ ଅଭିଯୋଗର ଫର୍ଦ୍ଦ ବଢ଼ିବାରେ ଲାଗିଛି। ଏହି ଘଟଣାରେ ଆର୍ଥିକ ତଦନ୍ତ କରାଯିବ ବୋଲି ପୁଲିସ କହିଛି।

# ଚାଟ୍ ଖାଉଥିବା ବେଳେ କାର୍ ଭିତରୁ ଗହଣା, ଟଙ୍କା ଲୁଟ୍

**ଭୁବନେଶ୍ୱର, ୨୭।୧ (ସମିସ):** ସାଧାରଣତନ୍ତ୍ର ଦିବସରେ ୟୁନିଟ୍ ୩ ଅଞ୍ଚଳରେ ଚାଟ୍ ଖାଉଥିବା ବେଳେ କାର୍ ଭିତରୁ ନେଇଗଲେ ସୁନାଗହଣା ଓ ଟଙ୍କା । କେ ଚନ୍ଦ୍ରଶେଖର ପାତ୍ର ଏନେଇ ଖାରବେଳ ନଗର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ପାତ୍ରପଡ଼ାର କେ ଚନ୍ଦ୍ରଶେଖର ଶୁକ୍ରବାର ସନ୍ଧ୍ୟାରେ ୟୁନିଟ ୩ ଅଞ୍ଚଳକୁ ଯାଇଥିଲେ । ସେଠାରେ କାର ପାର୍କିଂ କରି ନିକଟରେ ଚାଟ୍ ଖାଉଥିଲେ। ସେହି ସମୟରେ ଦୁର୍ବୃତ୍ତମାନେ ତାଙ୍କ କାର୍ ଡୋର୍ ଖୋଲି ଭିତରେ ଥିବା ୮୦ ହଜାର ଟଙ୍କା, ହଳେ ସୁନା କାନଫୁଲ, ସୁନା ବିସ୍କୁଟ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚୋରି କରି ନେଇଥିଲେ। ଚାଟ୍ ଖାଇସାରି କାର ପାଖକୁ ଯିବା ବେଳକୁ ତାଙ୍କ ସୁନାଗହଣା ଓ ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ପାଖାପାଖି ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ୍ୟ ଚୋରଙ୍କୁ ଧରିବାରେ ବିଫଳ ହୋଇ ଖାରବେଳ ନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ଲୁଟେରାଙ୍କ ଟେର ପାଇ ପାରିନାହିଁ ।

# ଠକ ନେଇଗଲେ ୧୨ଲକ୍ଷ

**ଭୁବନେଶ୍ୱର, ୨୭ ।୧(ସମିସ):** ବିଟ୍ କଏନ୍ରେ ଟଙ୍କା ଲଗାଇ କୋଟିପତି ହେବାକୁ ସାଇବର୍ ଠକ ସ୍ୱପ୍ନ ଦେଖାଇଥିଲେ। ଆଉ ଠକଙ୍କ କଥାରେ ପଡ଼ି କୋଟିପତି ହେବା ନିଶା ଜଣେ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ସାଇବର ଠକ ଯୁବକଙ୍କ ଆକାଉଣ୍ଟରୁ



■ **ବିଟ୍ କଏନ୍ ଲୋଭ**

୧୨ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଠକାମିର ଶିକାର କାଳିଆ ବେହେରା ଏନେଇ ସାଇବର୍ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏନେଇ ଏକ ମାମଲା ରୁଜୁକରି ତଦନ୍ତ କରୁଛି। ଟଙ୍କା ଯାଇଥିବା ୩ଟି ଆକାଉଣ୍ଟକୁ ଅଚଳ କରିବା ପାଇଁ ପୁଲିସ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛି । ଏହି ଟଙ୍କା ରାଜ୍ୟ ବାହାରର ଅଭିଯୁକ୍ତଙ୍କ ଆକାଉଣ୍ଟକୁ ଯାଇଥିବା ଜଣାପଡ଼ିଛି । ସୂଚନା ଅନୁସାରେ, କାଳିଆ ନିକଟକୁ ଏକ ଅଜଣା ନମ୍ବରରୁ ମେସେଜ ଆସିଥିଲା। ଯେଉଁଥିରେ ବିଟ୍ କଏନ୍ରେ ଟଙ୍କା ଲଗାଇ ଦୁଇଗୁଣା ପାଇବାର ଲୋଭ ଦେଖାଇଥିଲେ। ଏହି ମେସେଜ କାଳିଆ ପଢ଼ିବା ପରେ ଟଙ୍କା ଲଗାଇବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ସେ ମେସେଜ୍ ଆସିଥିବା ଫୋନ୍ ନମ୍ବରକୁ କଲ୍ କରି ବୁଝିଥିଲେ। ସାଇବର ଠକ ତାଙ୍କୁ ଏକ ଆପ୍ ପ୍ରଥମେ ଡାଉନ୍ଲୋଡ୍ କରିବାକୁ କହିଥିଲେ। ଏହାକୁ ଡାଉନ୍ଲୋଡ୍ କରିବା ପରେ ନିଜର ସମସ୍ତ ତଥ୍ୟ ଦେଇ ରେଜିଷ୍ଟ୍ରେସନ କରିବାକୁ ପଡ଼ିବ। ଏହାପରେ ସେଥିରେ ଟଙ୍କା ଲଗାଇ ପ୍ରତିଦିନ ମାଇନିଂ କରିଲେ ଟଙ୍କା ଦୁଇଗଣା ହେବ ବୋଲିଥିଲେ। ସାଇବର ଠକ କହିବା ଅନୁସାରେ କାଳିଆ ଆପ୍ ଡାଉନ୍ଲୋଡ୍ କରି ରେଜିଷ୍ଟ୍ରେସନ କରିଥିଲେ। ପରେ ସେଥିରେ ଟଙ୍କା ଲଗାଇଥିଲେ। ପ୍ରଥମେ ସେ ୫ ହଜାର ଟଙ୍କା ଲଗାଇବା ପରେ ସାଇବର୍ ଠକ ବିଶ୍ୱାସ ଜିଣିବା ପାଇଁ ୧୦ ହଜାର ଟଙ୍କା ଦେଇଥିଲେ। ଏହିଭଳି ପାଖାପାଖି ୧୨ଲକ୍ଷ ଟଙ୍କା ନେଇଗଲେ ସାଇବର୍ ଠକ। କାଳିଆ ଜାଣିବା ପରେ ପ୍ରଥମେ ମେସେଜ୍ ଆସିଥିବା ଫୋନ୍ ନମ୍ବରକୁ କଲ୍ କରିଥିଲେ ମଧ୍ୟ ତାହା ବନ୍ଦ ରହିଥିଲା। କାଳିଆ ଠକାମିର ଶିକାର ହୋଇଥିବା ଜାଣି ସାଇବର୍ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ୪ ଛତିଶଗଡ଼ି ମହିଳା ଲୁଟେରା ଗିରଫ

**ଭୁବନେଶ୍ୱର, ୨୭।୧ (ସମିସ):** ଯୁବତୀଙ୍କ ଠାରୁ ସୁନା ଚେନ୍ ଲୁଟ୍ ଅଭିଯୋଗରେ ୪ ଛତିଶଗଡ଼ି ମହିଳାଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଛତିଶଗଡ଼ ଗଂଦିଆଁର ଉଜେଲା କାଇଦର୍ (୪୦), ନିଲମ କାଇଦର୍ (୨୦), ସୀମା କାଇଦର୍ (୩୫) ଓ ସାରଦ କାଇଦର୍ (୨୦) । ପୁଲିସ ସୂଚନା ଅନୁସାରେ, ଯାଜପୁର ଜିଲ୍ଲା ବରୀ ଅଞ୍ଚଳରେ ପ୍ରଭାତୀ ବେହେରା ସକାଳ ୧୦.୪୫ ସମୟରେ ଗାଁରୁ ଆସି ବାଣୀବିହାର ଛକରୁ ୟୁନିଟ୍-୯ କୁ ଯିବା ପାଇଁ ଅଟୋରେ ରୂପାଲି ଛକରେ ଓହ୍ଲାଇଥିଲେ। ପ୍ରଭାତୀ ଅଟୋର ଭଡ଼ା ଦେବା ପାଇଁ ତାଙ୍କ ମନି



ପର୍ସରୁ ଟଙ୍କା କାଢୁଥିବା ବେଳେ ୪ ଜଣ ମହିଳା ତାଙ୍କ ନିକଟକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ପ୍ରଭାତୀଙ୍କ ବେକରୁ ସୁନା ଚେନ ଟାଣି ନେଇ ଚାଲିଯିବାକୁ ଉଦ୍ୟମ କରୁଥିବା ସମୟରେ ପ୍ରଭାତୀ ସେମାନଙ୍କର ପଛରେ ଗୋଡ଼ାଇ ସ୍ଥାନୀୟ ଲୋକମାନଙ୍କ ସହାୟତାରେ ମହିଳାଙ୍କୁ କାବୁ କରିଥିଲେ। ଏଥିସହିତ ପିସିଆର ସହାୟତାରେ ଅଭିଯୁକ୍ତାମାନଙ୍କୁ ଥାନାରେ ଜିମ୍ମା ଦେବା ସହ ସେମାନଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ଆଧାରରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତାମାନଙ୍କୁ ଗିରଫ କରି ସୁନା ଚେନ ଜବତ କରିଥିଲା।

# ଟାଙ୍ଗିଆ ଚୋଟରେ ଯୁବକ ଗୁରୁତର

**ବାଲିଅନ୍ତା, ୨୭ ।୧(ସମିସ):** ବାଲିଅନ୍ତା ଥାନା କାକରୁଦ୍ରପୁର ପଞ୍ଚାୟତ ଅଧୀନ ପରିଆପାଟପୁର ଗ୍ରାମରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି । ଏଥିରେ ଜଣେ ଯୁବକ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଆହତ ଯୁବକ ହେଲେ ପ୍ରଶାନ୍ତ ବେହେରାଙ୍କ ପୁଅ କିଶୋର ବେହେରା (୧୮) । ପରିବାର ଲୋକ କିଶୋରଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିଶୋରଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇପଡ଼ିଥିଲେ। କିଶୋରଙ୍କ ମୁଣ୍ଡରେ ୮ଟି ଷ୍ଟିଚ୍ ପଡ଼ିଛି। ଏ ସମ୍ପର୍କରେ କିଶୋରଙ୍କ ବାପା ପ୍ରଶାନ୍ତ ବେହେରା ବାଲିଅନ୍ତା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ମାମଲା ରୁଜୁ ପରେ ଅଭିଯୁକ୍ତକୁ ଗିରଫ କରିବାକୁ ତା' ଘରେ ଚଢ଼ଉ କରିଥିଲେହେଁ ତାକୁ ନପାଇ ଖାଲି ହାତରେ ଫେରିଥିଲେ। ଏବେ କିଶୋର ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଘର ଆବର୍ଜନା ପାଣି ନିଷ୍କାସନକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ସକାଳେ ଗଣ୍ଡଗୋଳ ହୋଇଥିଲା।

● **ପୂର୍ବଶତ୍ରୁତାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ**

# ସାଢ଼େ ଚାରିବର୍ଷ ପରେ ଧରାପଡ଼ିଲା ଶେଷ ଅଭିଯୁକ୍ତ



**ଭୁବନେଶ୍ୱର, ୨୭।୧ (ସମିସ):** ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଘଟଣାର ସାଢ଼େ ଚାରିବର୍ଷ ପରେ ଶେଷ ଅଭିଯୁକ୍ତକୁ ଗିରଫ କରିଛି ଶ୍ରୀଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପାପୁନି ନାୟକ ଓରଫ୍ ପପୁନ। ପୁଲିସ ସୂଚନା ଅନୁସାରେ, ୨୦୧୯ ମସିହା ଅଗଷ୍ଟ ମାସ ୨୫ ତାରିଖ ଦିନ ଗୁରୁ ପ୍ରସାଦ ଭୋଇ ତାଙ୍କ ଘରେ କାମ କରୁଥିଲେ। ସେହି ସମୟରେ ପୁରୁଣା ଭୁବନେଶ୍ୱର ଅଞ୍ଚଳର ମିଥୁନ ଭୋଇ, ପିକୁନ ବେହେରା, ବାବୁ ଭୋଇ, ସୁନୀଲ ଭୋଇ, ଭକ୍ତ ସାହୁ ଓ ପାପୁନି ନାୟକ ତାଙ୍କ ଘରକୁ ଆସିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସେମାନେ ଗୁରୁପ୍ରସାଦଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ଘରକୁ ପଥର ଫିଙ୍ଗିଥିଲେ। ଗୁରୁପ୍ରସାଦ ସେମାନଙ୍କୁ ବିରୋଧ କରିବାରୁ ସେମାନେ ଜବରଦସ୍ତ ତାଙ୍କ ଘରେ ପଶି ପଥର, ଲୁହା ପାଇପ୍ ଦ୍ୱାରା ଅତି ନିର୍ମମ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ଅଭିଯୁକ୍ତମାନେ ଭବିଷ୍ୟତରେ ତାଙ୍କୁ ହତ୍ୟା କରିବାକୁ ଧମକ ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁରୁପ୍ରସାଦ ଏନେଇ ଶ୍ରୀଲିଙ୍ଗରାଜ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଘଟଣାର କିଛି ଦିନ ପରେ ଅଭିଯୁକ୍ତ ମିଥୁନ, ପିକୁନ, ବାବୁ, ସୁନୀଲ ଓ ଭକ୍ତ କୋର୍ଟରେ ଆତ୍ମସମର୍ପଣ କରିଥିଲେ।

# ୪ହଜାର ଲିଟର ପୋଚ ଜବତ; ୧୦ ଗିରଫ

**ଭୁବନେଶ୍ୱର, ୨୭ ।୧(ସମିସ):** ରାଜଧାନୀରେ ଥମୁନି ଦେଶୀ ମଦ କାରବାର। ଶନିବାର ପୁଣି ସାଲିଆସାହି ଶବରବସ୍ତିରେ ଦେଶୀ ମଦ ଭାଟିରେ ଚଢ଼ଉ କରିଛି ଅବକାରୀ ୟୁନିଟ୍। ୪ହଜାର ଲିଟର ରନ୍ଧା ପୋଚ ନଷ୍ଟ କରିବା ସହ ୫ଶହ ଲିଟର ଦେଶୀ ମଦ ଜବତ କରାଯାଇଛି। ଦେଶୀ ମଦ କାରବାର କରୁଥିବା ୬ ମହିଳାଙ୍କ ସମେତ ୧୦ଜଣଙ୍କୁ ଗିରଫ କରାଯାଇଛି।

● **ବସ୍ ବିକ୍ରି ଆଳରେ ୭୦ ଲକ୍ଷ ଠକେଇ**

# ବନ୍ଧାହେଲେ ଦମ୍ପତି

**ଭୁବନେଶ୍ୱର, ୨୭।୧ (ସମିସ):** ବସ୍ ବିକ୍ରି କରିବା ଆଳରେ ୭୦ ଲକ୍ଷ ଟଙ୍କା ଠକି ନେଇଥିବା ଦମ୍ପତିଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଭକ୍ତମଧୁ ନଗରରେ ରହୁଥିବା ଜଟଣୀ ଅଞ୍ଚଳର ମୁସ୍ତାକ ଅଲ୍ଲୀ (୫୪) ଓ ପତ୍ନୀ ସୁଫିଆ ସୁଲତାନା (୪୯)। ପୁଲିସ ସୂଚନାଅନୁସାରେ, ବସ୍ ମାଲିକ ଆଶୁତୋଷ ଷଡ଼ଙ୍ଗୀଙ୍କର ୨୦୨୦ ମସିହାରେ ବୌଦ୍ଧ ବସ ଆସୋସିଏସନରେ ମୁସ୍ତାକ ସହିତ ସାକ୍ଷାତ ହୋଇଥିଲା। ଆଶୁତୋଷଙ୍କର ସମ୍ପର୍କୀୟ ଭାଇ ରଶ୍ମିରଞ୍ଜନ ପରବର୍ତ୍ତୀ ସମୟରେ ମୁସ୍ତାକକୁ ଯୋଗାଯୋଗ କରିବାରୁ ସେ ନିଜକୁ ୩ଟି ବସର ମାଲିକ ବୋଲି ପରିଚୟ ଦେଇଥିଲା। ହେଲେ ୨୦୧୯ ମସିହାରେ କୋରନା ମହାମାରୀ ଯୋଗୁଁ



ବ୍ୟବସାୟରେ କ୍ଷତି ହୋଇଥିବାରୁ ମୁସ୍ତାକର ବସଗୁଡ଼ିକୁ କମ୍ ମୂଲ୍ୟରେ ବିକ୍ରୟ କରିବା ପାଇଁ ରଶ୍ମିରଞ୍ଜନଙ୍କ ମାଧ୍ୟମରେ ଆଶୁତୋଷଙ୍କୁ ଯୋଗାଯୋଗ କରିଥିଲା। ଏଥିସହିତ ବସଗୁଡ଼ିକୁ କିଣିବା ପାଇଁ ପ୍ରସ୍ତାବ ଦେଇଥିଲା। ୨୦୨୧ ମସିହାରେ ନୋଟାରୀ ଚୁକ୍ତିନାମା କରିବା ପରେ ସୁଫିଆ ବରମୁଣ୍ଡା ବସଷ୍ଟାଣ୍ଡରେ ଥିବା ଗୋଟିଏ ବସକୁ ବନ୍ଧକ ରଖି ଆଶୁତୋଷଙ୍କ ଠାରୁ ୨୦ ଲକ୍ଷ ଟଙ୍କା ନେଇଥିଲେ। ଏହା ପରେ ମୁସ୍ତାକ ଓ ସୁଫିଆ ବିଭିନ୍ନ ମାଧ୍ୟମରେ ଆଶୁତୋଷଙ୍କ ଠାରୁ ଆହୁରି ୫୦ଲକ୍ଷ ଟଙ୍କା ନେଇଥିଲେ। ପରେ ବାରମ୍ବାର ଦିନ ଗଡ଼ାଇ ଚାଲିଥିଲେ ମଧ୍ୟ ବସର ମାଲିକାନା ସ୍ଥାନାନ୍ତର କରି ନ ଥିଲେ। ଏହି ପରି ଭାବରେ ପତିପତ୍ନୀ ମିଶି ସମୁଦାୟ ୭୦ ଲକ୍ଷ ଟଙ୍କା ଆଶୁତୋଷଙ୍କ ଠାରୁ ଠକି ନେଇଥିବାରୁ ସେ ତାଙ୍କର ମାନସିକ ଭାରସାମ୍ୟ ହରାଇ ବସିଥିଲେ। ଏନେଇ ଆଶୁତୋଷଙ୍କ ଭାଇ ଅଶ୍ୱିନୀ ଷଡ଼ଙ୍ଗୀ ଭରତପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଶନିବାର ପତିପତ୍ନୀଙ୍କୁ ଗିରଫ କରିବା ସହିତ ଚୁକ୍ତିନାମା ହୋଇଥିବା ବସଟିକୁ ଜବତ କରିଥିଲା।

# ଫ୍ଲାଟ୍ ଦେବା ଆଳରେ କୋଟିଏ ଠକେଇ

ଭୁବନେଶ୍ୱର, ୨୭ ।୧(ସମିସ):

ଫ୍ଲାଟ୍ ଦେବା ନାଁରେ କୋଟିଏରୁ ଅଧିକ ଟଙ୍କା ଠକି ନେଇଛି ଜିଏଲ୍ଏଫ୍ ଇନ୍ଫ୍ରାଟେକ୍ ପ୍ରାଇଭେଟ୍ ଲିମିଟେଡ୍। କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଦୀପକ କୁମାର ଛୋଟରାୟଙ୍କ ନାମରେ ଇଓଡବ୍ଲ୍ୟୁ ମାମଲା ରୁଜୁ ତଦନ୍ତ କରୁଛି ଇଓଡବ୍ଲ୍ୟୁ। ଠକାମିର ଶିକାର ହୋଇଥିବା ନାଲ୍କୋ ନଗରର ଅନିଲ କୁମାର ପଣ୍ଡା ଏବଂ ଅନ୍ୟମାନଙ୍କ ଅଭିଯୋଗ ଆଧାରରେ ଇଓଡବ୍ଲ୍ୟୁ ମାମଲା ରୁଜୁକରିଛି। ଅଭିଯୋଗ ଅନୁସାରେ, ଜିଏଲ୍ଏଫ ଇନ୍ଫ୍ରାଟେକ୍ ବିଲ୍ଡର ସଂସ୍ଥା ପାତ୍ରପଡ଼ା ଅଞ୍ଚଳରେ ଆରମ୍ଭ ହୋଇଥିବା ତାର ନୂତନ ପ୍ରୋଜେକ୍ଟରେ ଫ୍ଲାଟ୍ ଦେବାକୁ ଲୋକଙ୍କୁ କହିଥିଲା। ଏପରିକି ଲୋକଙ୍କ ଠାରୁ ସେ ଅଗ୍ରୀମ ଆକାରରେ ୨ଲକ୍ଷ ଟଙ୍କା ନେଇଥିଲା। ଏହାପରେ ସେଲ୍ଫ ଏଗ୍ରିମେଣ୍ଟ ପାଇଁ ପରବର୍ତ୍ତୀ ସମୟରେ ଆଉ ୪ଲକ୍ଷ ଟଙ୍କା ନେଇଥିଲେ। ତେବେ ପାତ୍ରପଡ଼ା ଅଞ୍ଚଳରେ ବିଲ୍ଡର ସଂସ୍ଥା ଫ୍ଲାଟ୍ ଦେଇପାରି ନ ଥିଲେ। କିନ୍ତୁ ସେହି ସମାନ ଦାମ୍ରେ ସୈନିକ ସ୍କୁଲ ନିକଟରେ ହେଉଥିବା ତା'ର

- **ଜିଏଲ୍ଏଫ ଇନ୍ଫ୍ରାଟେକ୍ ନାମରେ ଅଭିଯୋଗ**
- **ମାମଲା ରୁଜୁକରି ତଦନ୍ତ ଆରମ୍ଭ କଲା ଇଓଡବ୍ଲ୍ୟୁ**

ଆଉ ଏକ ପ୍ରୋଜେକ୍ଟରେ ଫ୍ଲାଟ୍ ଦେବାକୁ କହିଥିଲେ। ଏହା କହିବା ପରେ ପରବର୍ତ୍ତୀ ସମୟରେ ଆଉ ୬ଲକ୍ଷ ଟଙ୍କା ନେଇଥିଲେ। ଏହିଭଳି ସେ ଏକାଧିକ ଲୋକଙ୍କ ଠାରୁ ମୁଣ୍ଡପିଛା ୧୨ଲକ୍ଷ ଟଙ୍କା ଆଦାୟ କରିଥିଲେ। ୩୦ରୁ ଅଧିକ ଲୋକ ଏହି ଫ୍ଲାଟ୍ ଆଶାରେ ଠକାମିର ଶିକାର ହୋଇଥିଲେ। ବିଲ୍ଡର କରିଥିବା ଚୁକ୍ତି ଅନୁସାରେ ୨୦୧୯ ଡିସେମ୍ବର ୩୧ ସୁଦ୍ଧା ଫ୍ଲାଟ୍ ଦେଇଥାନ୍ତେ। କିନ୍ତୁ ବିଲ୍ଡର ଜଣଙ୍କ ଫ୍ଲାଟ୍ ଦେଇ ନ ଥିଲେ କି ଟଙ୍କା ଫେରାଇ ନ ଥିଲେ। ଟଙ୍କା ମାଗିଲେ ସେ ଧରାଛୁଆଁ ଦେଉ ନ ଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଥାନାରେ ଏନେଇ ଠକାମିର ଶିକାର ହୋଇଥିବା ଲୋକେ ଅଭିଯୋଗ କରିଥିଲେ।

**ରେଳବାଇ ଚାକିରି ଦେବାକୁ କହି ୨୪ ଲକ୍ଷ ନେଇଗଲା**

# ଠକ ଗିରଫ; ଜାଲ୍ ନିଯୁକ୍ତିପତ୍ର ଜବତ

**ଭୁବନେଶ୍ୱର, ୨୭।୧ (ସମିସ):** ସରକାରୀ ଚାକିରି କରାଇଦେବ କହି ଟଙ୍କା ନେଉଥିଲା, ଆଉ ବଦଳରେ ଜାଲ୍ ନିଯୁକ୍ତିପତ୍ର ଦେଉଥିଲା। ଜାଲିଆତି ଜଣାପଡ଼ିବା ପରେ ଟଙ୍କା ମାଗିବାରୁ ମାଡ଼ ମାରୁଥିଲା। ଏମିତି କି ମହିଳା ସହଯୋଗୀଙ୍କ ମାଧ୍ୟମରେ ମିଥ୍ୟା ମକଦ୍ଦମା କରିବାର ଧମକ ଦେଉଥିଲା। ସରକାରୀ ଚାକିରି ଯୋଗାଇଦେବ କହି ଏଭଳି ଉପାୟରେ ଏକାଧିକ ଆଶାୟୀଙ୍କ ଠାରୁ ୨୪ ଲକ୍ଷ ଟଙ୍କା ଠକି ନେଇଥିବା ଜଣେ ଠକକୁ ଗିରଫ କରି କୋର୍ଟ ଚାଲାଣ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କଳିଙ୍ଗନଗର କେ-୫ ଅଞ୍ଚଳରେ ରହୁଥିବା ବାଙ୍କୀ ଦୁଲଣାପୁର ଗାଁର ସଞ୍ଜୟ କୁମାର ନାୟକ (୨୯)। ପୁଲିସ ସୂଚନା ଅନୁସାରେ, କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ଅଞ୍ଚଳର ଗୌରବ ବଳିୟାରସିଂହ ଗତ ୨୦୨୧ ମସିହାରୁ ସଞ୍ଜୟର କଳିଙ୍ଗନଗର କେ-୫ରେ ଥିବା ଅଫିସରେ ଆର୍ଥିକ ପରିଚାଳକ ଭାବରେ କାମ କରି ଆସୁଥିଲେ। ବଡ଼ ବଡ଼ ସରକାରୀ ଅଧିକାରୀଙ୍କ ସହିତ ଭଲ ସମ୍ପର୍କ ରହିଥିବା କହି



ସେ ସରକାରୀ ଚାକିରି ଯୋଗାଇଦେବ ବୋଲି ସଞ୍ଜୟ କହିଥିଲା । ଏଥିସହିତ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ବିଜ୍ଞାପନ ଦେଇ ସରକାରୀ ଚାକିରି ଆଶାୟୀଙ୍କୁ ଯୋଗାଯୋଗ କହିଥିଲା । ରେଳବାଇରେ ଏକ ଆସିଷ୍ଟାଣ୍ଟ କ୍ଲର୍କ ପଦବୀ ରହିଥିବା ବେଳେ ଏଥିଲାଗି ଗୌରବଙ୍କଠାରୁ ଟଙ୍କା ଦାବି କରିଥିଲା। ସଞ୍ଜୟଙ୍କୁ ସେ ୬ଲକ୍ଷ ୭୦ ହଜାର ଟଙ୍କା ଦେଇଥିଲେ । ପ୍ରତିବଦଳରେ ରେଲୱେ ବିଭାଗରେ ଯୋଗ ଦେବା ପାଇଁ ନିଯୁକ୍ତି ପତ୍ର ଦେଇଥିଲା। ନିଯୁକ୍ତି ପତ୍ର ପାଇବା ପରେ ଗୌରବ ଚାକିରିରେ ଯୋଗ ଦେବାକୁ ଯାଇଥିଲେ । ହେଲେ ତାହା ଜାଲ୍ ନିଯୁକ୍ତି ପତ୍ର ବୋଲି ସେ ଜାଣିବାକୁ ପାଇଥିଲେ । ଠକାମୀର ଶିକାର ହୋଇଥିବା ଜାଣିବା ପରେ ଏନେଇ ସଞ୍ଜୟକୁ ଯୋଗାଯୋଗ କରି ଟଙ୍କା ମାଗିଥିଲେ। ସଞ୍ଜୟ ତାର ସହଯୋଗୀମାନଙ୍କ ସହିତ ମିଶି ମାଡ଼ ମାରିଥିଲା। କେବଳ ଗୌରବଙ୍କ ଠାରୁ ନୁହଁ, ଲାଡ଼ଲା ଦିଗାଲଙ୍କ ଠାରୁ ୩ଲକ୍ଷ ୯୫ହଜାର ଓ ଅନ୍ୟ କେତେକ ଆଶାୟୀଙ୍କ ଠାରୁ ୧୧ଲକ୍ଷ ୯୦ ହଜାର ନେଇଥିବା ଅଭିଯୋଗ ହୋଇଛି। ଏଥିସହିତ ସଞ୍ଜୟର ମହିଳା ସହଯୋଗୀ ଅରୁପମା ନାୟକ ମିଥ୍ୟା ମକଦ୍ଦମାରେ ଫସାଇ ଦେବ ବୋଲି ଗୌରବ ଓ ତାଙ୍କ ସାଙ୍ଗମାନଙ୍କୁ ଧମକ ଦେଇଥିଲା। ଏନେଇ ତମାଣ୍ଡୋ ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଶୁକ୍ରବାର ସଞ୍ଜୟକୁ ଗିରଫ କରିବା ସହିତ ତା ଠାରୁ ଜାଲ୍ ନିଯୁକ୍ତି ପତ୍ର ଜବତ କରିଥିଲା ପୁଲିସ।

# ଭୁବନେଶ୍ୱର ସିଟି





ଜନରାଜ୍ୟ ଦିବସ ଉପଲକ୍ଷେ ନବୀନ ନିବାସରେ କୁନିକୁନି ପିଲାଙ୍କୁ ବିସ୍କୁଟ, ଚକୋଲେଟ୍ ବାଣ୍ଟୁଛନ୍ତି ମୁଖ୍ୟମନ୍ତ୍ରୀ ।

## ଗାନ୍ଧୀ ପାର୍କରେ ବିଡିଏ କରିବ ଫ୍ଲାଗ୍ ପ୍ଲାଜା



**ଭୁବନେଶ୍ୱର, ୨୭।୧(ସମିସ):**

ରାଜଧାନୀରେ ହେବ ଫ୍ଲାଗ ପ୍ଲାଜା । ବ୍ରିଟିଶ ଶାସନ ବିରୋଧରେ ସ୍ୱାଧୀନତା ସଂଗ୍ରାମ ବେଳେ ସ୍ୱାଧୀନତା ସଂଗ୍ରାମୀମାନେ କିଭଳି ଜାତୀୟ ପତାକାର ରୂପ ରେଖ ରଖିଥିଲେ । ଏହାପରେ ଏହି ବିଭିନ୍ନ ସମୟରେ ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଦ୍ୱାରା ଜାତୀୟ ପତାକାର ପ୍ରସ୍ତୁତ କରାଯାଇଥିଲା । କାଳକ୍ରମେ ଏହି ପତାକା ପୂର୍ଣ୍ଣାଙ୍ଗ ରୂପନେଇ ତ୍ରିରଙ୍ଗା ଏବଂ ଅଶୋକଚକ୍ରରେ ପରିଣତ ହେଲା । ଏହାକୁ ସାରା ଦେଶବାସୀ ମାନି ନେଇଥିଲେ । ଜାତୀୟ ଏକତାର ଏହା ଅନ୍ୟତମ ପ୍ରତୀକ ଭାବେ ଉଭା ହୋଇଥିଲା । ଯାହା ଭାରତୀୟ ହୃଦୟରେ ୧୯୪୭ରୁ ରହି ଆସିଛି । ଏହା ସ୍ୱାଧୀନ ଭାରତର ଏକ ଚିହ୍ନ ଭାବେ ଗଣାଯାଉଛି । ଜାତୀୟ ପତାକାର ଆରମ୍ଭରୁ ପୂର୍ଣ୍ଣାଙ୍ଗ ରୂପ ଦେବା ପର୍ଯ୍ୟନ୍ତ ଘଟଣାଚକ୍ରକୁ ଫ୍ଲାଗ ପ୍ଲାଜାରେ ଦର୍ଶାଯିବ । ପ୍ରତ୍ୟେକ ଫ୍ଲାଗ୍‌ର ଫଟୋ ଚିତ୍ର ପ୍ରଦର୍ଶନ କରାଯିବ । ଏଥିରେ ପ୍ରସ୍ତୁତକାରୀଙ୍କ ନାମ ମଧ୍ୟ ରହିବ । ଏହି ଫଟୋଚିତ୍ର ସେମାନଙ୍କ ସଂଗ୍ରାମର ଗାଥାକୁ ବୟାନ କରିବ । ପାର୍କର ଏହା ଏକ ବିଶେଷ ଅଂଶ ଭାବେ କାମ କରିବ । ବିଡିଏ ପକ୍ଷରୁ ପ୍ରସ୍ତୁତ କରାଯାଉଥିବା ଏହି ପ୍ଲାଜା ଲୋକମାନଙ୍କ ଦ୍ୱାରା ବେଶ ଆଦୃତ ହେବ ବୋଲି ଆଶା କରାଯାଉଛି । ମହାତ୍ମା ଗାନ୍ଧୀ ପାର୍କ ଏହି ପ୍ଲାଜା ହେବାକୁ ଯାଉଛି । ଏହାର ନିର୍ମାଣ କାର୍ଯ୍ୟ ଜାରିରହିଛି । ଏହାକୁ ଖୁବ୍‌ଶୀଘ୍ର ଉଦ୍‌ଘାଟନ କରାଯିବ । ସେହି ସ୍ଥାନକୁ ଆଲୋକୀକରଣ କରାଯିବ । ଏହାସହ ଏକ ବିଶାଳ ଖମ୍ବରେ ବିରାଟ ତ୍ରିରଙ୍ଗା ଲଗାଯିବାର ବ୍ୟବସ୍ଥା କରାଯାଇଛି । ତେବେ ଏହି ସ୍ଥାନକୁ ସୌନ୍ଦର୍ଯ୍ୟକରଣ କରାଯିବ । ଅନ୍ୟପକ୍ଷରେ ଏପିଜେ ପାର୍କରେ ମଧ୍ୟ ଏକ ବିରାଟ ଫ୍ଲାଗ୍‌କୁ ବିଡିଏ ପକ୍ଷରୁ ନିର୍ମାଣ କରାଯାଇଛି । ଏହାସହ ଏଠାରେ ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ୍ କଲାମଙ୍କ ଜୀବନଶୈଳୀରେ ଘଟିଥିବା ଘଟଣାଚକ୍ର, ସଫଳତା ଏବଂ ଇସ୍ରୋର ସମ୍ପର୍କକୁ ନେଇ ଏକ ଆକର୍ଷଣୀୟ ପ୍ଲାଜା ପ୍ରସ୍ତୁତ କରାଯାଇଛି । ଗତତନ୍ତ୍ର ଦିବସରେ ୧୦୦ ଫୁଟ୍‌ର ଏକ ଖମ୍ବରେ ଜାତୀୟ ପତକା ଉତ୍ତୋଳନ କରାଯାଇଥିଲା । ବିଡିଏ ଭିସି ବଲୱନ୍ତ ସିଂ ୨ସ୍କୁଲ ପିଲାଙ୍କୁ ଡାକି ଏଠାରେ ପତକା ଉତ୍ତୋଳନ କରିଥିଲେ ।

## ଏକାମ୍ରରେ ‘ପରିବାର ସମ୍ପର୍କ’ ଅଭିଯାନ




**ଭୁବନେଶ୍ୱର, ୨୭।୧(ସମିସ):** ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀରେ ୬୧ ନମ୍ବର ୱାର୍ଡ ଅନ୍ତର୍ଗତ ଭୀମଟାଙ୍ଗି ଜଗନ୍ନାଥ ମନ୍ଦିର ନିକଟରୁ ବିଜୁ ଜନତା ଦଳର ପରିବାର ସମ୍ପର୍କ ଅଭିଯାନ ଓ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, କୋଠାବାଡ଼ି ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଭଗବତୀ, ଖଣ୍ଡୁଆଳ ଏବଂ ପିପୁଲସ ବିଜୁ ଆଦର୍ଶ କଲୋନୀ, ଭୀମ ଟାଙ୍ଗୀ ହାଉସିଂ ବୋର୍ଡ କଲୋନୀ ଅଞ୍ଚଳ ପରିକ୍ରମା କରିବାସହ ସହଯୋଗ ବିକାଶପରିଷଦ, ଶିବସିବା ମହିଳା ସମିତି, ଶିଶୁ ଉଦ୍ୟାନ କମିଟି, ବରିଷ୍ଠ ନାଗରିକ ସଂଘ, ଦୁର୍ଗାପୂଜା ସମିତି, କର୍ମୀ କ୍ଲବ୍, ଓଡ଼ିଶା ୟୁଥ୍ ଆସୋସିଏସନ୍, ଜଗନ୍ନାଥ ମନ୍ଦିର ସମିତି, ଉନ୍ନୟନ ପରିଷଦ, ପ୍ରଦୀପ ସେବା ଟ୍ରଷ୍ଟର ସଦସ୍ୟମାନେ ଏହି ପରିବାର ସମ୍ପର୍କ ପଦଯାତ୍ରାକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । କାର୍ଯ୍ୟକ୍ରମରେ ଓଡ଼ିଶା କୃଷି ଶିଳ୍ପ ନିଗମ ଉପାଧ୍ୟକ୍ଷ ଡ ସନ୍ତୋଷ ବେହେ, ସ୍ଥାନୀୟ କର୍ପୋରେଟର ଶିବ ନାରାୟଣ ରାୟ, ଚନ୍ଦ୍ର ଶେଖର ମଲ୍ଲିଆ, ମହାମାୟା ସ୍ୱାଇଁ, ଶିବପ୍ରସାଦ ବେହେରା, ଯୁବ ସଭାପତି ସମରେଶ ବେଉରା, ଛବିନ୍ଦ୍ର ଜେନା, ପ୍ରଭାସ ସୁନ୍ଦରାୟ, ସନ୍ତୋଷ ସେନାପତି, ଅଶ୍ୱିନୀ ମିଶ୍ର, ଅଭିଷେକ ପଟ୍ଟନାୟକ, ସପ୍ତରଥି ସ୍ୱାଇଁ, ଦେବାଶିଷ ବେହେରା, ପ୍ରଦୀପ ବାରିକ, ରମେଶ ବେହେରା, ପ୍ରଦୀପ୍ତ ସାହୁ, ଶଶୀଭୂଷଣ ଛୁଆଳ ସିଂହ, ଜିତୁ ପ୍ରଧାନ, ସୁଶାନ୍ତ ମହାନ୍ତି, ସୁଧାଂଶୁ ମିଶ୍ର ଏବଂ ୱାର୍ଡର ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟମାନେ ପଦଯାତ୍ରାରେ ସାମିଲ ହୋଇଥିଲେ ।

### ଆନ୍ଦୋଳନ ଯୋଗୁଁ ଛୁଟିରେ ପଶୁ ଡାକ୍ତର

## ରୋଗରେ ପଶୁ; କୋମାରେ ପଶୁ ଚିକିତ୍ସା

**ଭୁବନେଶ୍ୱର, ୨୭।୧(ସମିସ):**

ବିଭିନ୍ନ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛି ଏକ ପ୍ରାଣୀ ଚିକିତ୍ସକ ସଂଘ । ଏଥିପାଇଁ ପ୍ରାୟ ୧୦ ଦିନ ହେବ ପଶୁ ଡାକ୍ତରମାନେ ଡାକ୍ତରଖାନା ଆସୁନାହାନ୍ତି । ସାମୁହିକ ଭାବେ ଛୁଟିରେ ରହିଛନ୍ତି । ଡାକ୍ତର ନ ଥିବାରୁ ଚିକିତ୍ସା ବ୍ୟବସ୍ଥା ଏବେ କୋମାକୁ ଚାଲିଯାଇଛି । ଏଲ୍‌ଆଇମାନେ

### ସହିଦ ନଗରକୁ ଛାଡ଼ି ଅନ୍ୟ ଚିକିତ୍ସାଳୟରେ ଚିକିତ୍ସକ ନାହାନ୍ତି

ପ୍ରାଥମିକ ଚିକିତ୍ସା କରୁଥିଲା ବେଳେ ଗୁରୁତର ରୋଗ, ଟିକାକରଣ ବାଧାପ୍ରାପ୍ତ ହେଉଛି । ଉପକଣ୍ଠରେ ଗଭୀର କ୍ଷତ ହେଲେ ଔଷଧ ଲଗାଇବାକୁ ଡାକ୍ତର ନାହାନ୍ତି । ଭୁବନେଶ୍ୱର ସବ୍‌ଡିଭିଜନରେ ସହିଦ ନଗର ସ୍ଥିତ ପଶୁ ଚିକିତ୍ସାଳୟରେ କେବଳ ୪ଡାକ୍ତରଙ୍କୁ ଛାଡ଼ିଦେଲେ ଭୁବନେଶ୍ୱର ବ୍ଲକ, ବାଲିପାଟଣା, ବାଲିଅନ୍ତା ଏବଂ ଜଟଣୀରେ ଜଣେ ବି ଭେଟ୍ ଡାକ୍ତର ନାହାନ୍ତି । ଫଳରେ ପଶୁପାଳକମାନେ ହଇରାଣ ହେଉଛନ୍ତି । ଟିକାକରଣ, ରୋଗ ବ୍ୟାପିବା, ସରକାରୀ ଯୋଜନା କାର୍ଯ୍ୟକାରୀ ହୋଇପାରୁ ନାହିଁ । ଏପରିକି ଡାକ୍ତର ନ ଥିବାରୁ ପଶୁମାନଙ୍କ ବ୍ୟବଚ୍ଛେଦ ହୋଇପାରୁ ନାହିଁ । ଚାଷୀ ବୀମା ପାଇବେ କି ନାହିଁ ସେନେଇ ସନ୍ଦେହ ଉପୁଜିଛି । ଭୁବନେଶ୍ୱର ସବ୍‌ଡିଭିଜନରେ ସମସ୍ତ ପଶୁ ଚିକିତ୍ସକ ଯଥା ଭୁବନେଶ୍ୱର ବ୍ଲକରେ ସମସ୍ତ ୪ଜଣ, ବାଲିପାଟଣା ବ୍ଲକରେ ସମସ୍ତ ୩ଜଣ, ବାଲିଅନ୍ତା ବ୍ଲକରେ ସମସ୍ତ ୪ଜଣ, ଜଟଣୀ ବ୍ଲକରେ ସମସ୍ତ ୫ଜଣ ସଂଘ ଛୁଟି ଅଛନ୍ତି । କେବଳ ସହିଦନଗର ମୁଖ୍ୟ ଡାକ୍ତରଖାନରେ ୪ଜଣ ଡାକ୍ତର ହିଁ କାର୍ଯ୍ୟରତ ଅଛନ୍ତି । କେବଳ ଭୁବନେଶ୍ୱର ନୁହେଁ ସମଗ୍ର ରାଜ୍ୟରେ ସମାନ ଅବସ୍ଥା ଲାଗି ରହିଛି ।

### ଫାଟୁଆ ସଂକ୍ରମଣ ଆଶଙ୍କା

ଏବେ ଗୋରୁଙ୍କୁ ଫାଟୁଆ ହେଉଛି । ଯିଦଓ ଏଲ୍‌ଆଇ (ଲିଇଭ୍ ଷ୍ଟକ୍ ଇନ୍‌ସ୍‌ପେକ୍ଟର)ମାନେ ଟିକାକରଣ କରୁଛନ୍ତି, ହେଲେ ଡାକ୍ତର ଅଭାବରୁ ଫାଟୁଆ ହୋଇଥିବା ଗୋରୁଙ୍କୁ ଚିକିତ୍ସା କରାଯାଇ ପାରୁନାହିଁ । ଫାଟୁଆ ବ୍ୟାପିବାର ବହୁ ଆଶଙ୍କା ରହିଛି । ଫାଟୁଆ ବ୍ୟାପିଲେ ପରିସ୍ଥିତି ଭୟଙ୍କର ହୋଇପାରେ । କିଛି ବର୍ଷ ତଳେ ଲମ୍ପି ସ୍କିନ୍ ଡିଜିଜେସ୍ ବ୍ୟାପିଥିଲା । ଚଳିତ ଜାନୁଆରୀରୁ ରାଜ୍ୟରେ ସମ୍ପୂର୍ଣ୍ଣର୍ ଟିକାରଣ କରାଯିବ ବୋଲି ଘୋଷଣା କରାଯାଇଥିଲା । ହେଲେ ଡାକ୍ତର ଛୁଟିରେ ଥିବାରୁ ଟିକାକରଣ ପ୍ରଭାବିତ ହୋଇଛି । ସେହିପରି ଛେଳି ଏବଂ ମେଣ୍ଢାଙ୍କୁ ଝାଡ଼ାଜନିତ ମୃତ୍ୟୁ ଆଦି ରୋଗ ଏବଂ କୁକୁଡ଼ାକୁ ଘୁମା ରୋଗର ଚିକିତ୍ସା ହୋଇପାରୁ ନାହିଁ । ଗୋଟ୍ ପକ୍ସ ପ୍ରଭୃତି ମଧ୍ୟ ବ୍ୟାପିପାରୁ ନାହିଁ ।

### ପ୍ରଭାବିତ ହେଉଛି ସରକାରୀ ଯୋଜନା

ଡାକ୍ତରଙ୍କ ଅଭାବ ଯୋଗୁଁ ବିଭିନ୍ନ ସରକାରୀ ଯୋଜନା ପ୍ରଭାବିତ ହେବାରେ ଲାଗିଛି । ଘୁଷୁରି, ମେଣ୍ଢା, ଛେଳି, କୁକୁଡ଼ା ଫାର୍ମକୁ ସରକାରୀ ଯୋଜନରେ ଆସୁଥିବା ସବ୍‌ସିଡି ଦିଆ ହେଉନାହିଁ । ଜଣେ ଜଣେ ଚାଷୀ ପ୍ରାୟ ୧୦ରୁ ୧୫ ଲକ୍ଷ ପର୍ଯ୍ୟନ୍ତ ସବ୍‌ସିଡିକୁ ଚାହିଁ ବସୁଛନ୍ତି । ହେଲେ ଆଉ ବନ୍ଦ ହୋଇଯିବାରୁ ସବ୍‌ସିଡି କେବେ ମିଳିବ ସେନେଇ କିଛି ଜଣାପଡୁ ନାହିଁ ।

### ହୋଇପାରୁନି ଶବ ବ୍ୟବଚ୍ଛେଦ

ପଶୁପାଳକମାନେ ନିଜ ପାଳିତ ପଶୁକୁ ବୀମା କରାଇଥାନ୍ତି । ଯଦି ପଶୁମାନଙ୍କ ମୃତ୍ୟୁ ହୁଏ ତେବେ ବୀମା ନିୟମ ଅନୁଯାୟୀ ମୃତ ପଶୁର ଜଣେ ପଶୁ ଡାକ୍ତରଙ୍କ ଦ୍ୱାରା ଶବ ବ୍ୟବଚ୍ଛେଦ କରାଇବା ଆବଶ୍ୟକ । ଫଳରେ କେଉଁ ରୋଗରେ ପଶୁର ମୃତ୍ୟୁ ହେଲା ଏବଂ କେଉଁ ପରିସ୍ଥିତିରେ ପଶୁର ମୃତ୍ୟୁହେଲା ତାହା ଜଣାପଡ଼େ । ହେଲେ ଡାକ୍ତର ନ ଥିବାରୁ ବ୍ୟବଚ୍ଛେଦ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଛି । ତାହା ସଠିକ୍ ବ୍ୟବଚ୍ଛେଦ ନୁହେଁ ବୋଲି କିଛି ଡାକ୍ତର ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ।


### କଷ୍ଟ ପାଉଛନ୍ତି ଗର୍ଭବତୀ

ଡାକ୍ତରୀ ସେବା ନ ମିଳିବାରୁ ବିଶେଷକରି ଗର୍ଭବତୀ ପଶୁମାନେ କଷ୍ଟ ପାଉଛନ୍ତି । ଯେଉଁ ପଶୁର ପ୍ରସବ ବେଳେ ଡାକ୍ତରଙ୍କ ଅବଶ୍ୟକତା ପଡୁଛି ସେଠାରେ ଡାକ୍ତରୀ ସେବା ମିଳିପାରୁନାହିଁ । ପଶୁମାନେ ଶେଷରେ କଷ୍ଟ ପାଇ ମୃତ୍ୟୁ ମୁଖରେ ପଡୁଛନ୍ତି । ଡାକ୍ତର ଛୁଟିରେ ଥିବାରୁ ଡାକ୍ତରୀସେବା କୋମାକୁ ଚାଲିଯାଇଛି । ପଶୁମାନେ ଉଚିତ୍ ସମୟରେ ଚିକିତ୍ସା ପାଇପାରୁ ନ ଥିବାରୁ ପଶୁଙ୍କ ଦୁଗ୍ଧ ଦେବା କ୍ଷମତା ପ୍ରଭାବିତ ହେବ । ଚାଷୀମାନେ ଆର୍ଥିକସ୍ତରରେ କ୍ଷତିଗ୍ରସ୍ତ ହେବେ । ଏଭଳି ସମସ୍ୟାର ତୁରନ୍ତ ସମାଧାନ ହେବା ଅବଶ୍ୟକ ନ ହେଲେ ପଶୁପାଳକ, ପଶୁ, ଉଭୟ ଆନ୍ଦୋଳନରତ ଡାକ୍ତର ଏବଂ ଆନ୍ଦୋଳନରେ ସାମିଲ ହୋଇ ନ ଥିବା ଡାକ୍ତର ସମସ୍ତେ ହନ୍ତସନ୍ତ ହେଉଛନ୍ତି ।

## ଆଦିବାସୀ ମେଳାରେ କାଠ ନିର୍ମିତ ସାମଗ୍ରୀ

**ଭୁବନେଶ୍ୱର, ୨୭।୧(ସମିସ):**

ଆଦିବାସୀ ଭାଷା ଏବଂ ସଂସ୍କୃତି ଏକାଡେମୀ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ଜାନୁଆରୀ ୟୁନିଟ୍-୧ ଆଦିବାସୀ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଆଦିବାସୀ ମେଳାରେ ଆଦିବାସୀଙ୍କ ବିଭିନ୍ନ ହସ୍ତକଳା ଓ ହସ୍ତଶିଳ୍ପ ସାମଗ୍ରୀ କିଣିବାକୁ ଭିଡ଼ ପରିଲକ୍ଷିତ ହୋଇଛି । ପୂର୍ବରୁ କାଠ କାରିଗରମାନେ ବା ବଢ଼େଇମାନେ କେବଳ କାଠରେ ଖଟ, ଆଲମିରା, ଚୌକି, ବେଞ୍ଚ ଆଦି ଆସବାବପତ୍ର ତିଆରି କରିଥାନ୍ତି । ହେଲେ ବର୍ତ୍ତମାନ ଆସବାବ ସାମଗ୍ରୀ ସମେତ ଘରର ସାଜସଜ୍ଜ(ହୋମ୍ ଡେକୋର୍) ପାଇଁ ବ୍ୟବହାର ହେଉଥିବା ଅନେକ ଜିନିଷ ମଧ୍ୟ କାଠରେ ନିର୍ମିତ ହେଉଛି । ଏହାଦ୍ୱାରା କାରିଗରମାନେ କୌଳିକ ବୃତ୍ତିକୁ ବଞ୍ଚାଇ ରଖିବା ସହ ସେମାନଙ୍କୁ ଏକ ନୂତନ ପରିଚୟ ଦେଇଛି । ଦିନକୁ ଦିନ ଡେକୋରେସନ୍ ଦିଗରେ ଏହାର ସ୍ୱତନ୍ତ୍ରତା ବି ବଢୁଛି । ୟୁନିଟ୍-୧ ଆଦିବାସୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା ଆଦିବାସୀ ମେଳାରେ ଦେଖିବାକୁ ମିଳିଛି କାଠରେ ପ୍ରସ୍ତୁତ ଦୋବଦେବୀଙ୍କ ବିଭିନ୍ନ ପ୍ରତିମୂର୍ତ୍ତି ସାଙ୍ଗକୁ ଆକର୍ଷଣୀୟ ଘରସଜ୍ଜା ସାମଗ୍ରୀ । କାଠକୁ ନୂଆ ରୂପ ଦେଉଛନ୍ତି କାରୀଗରମାନେ । ପୂର୍ବ ପୁରୁଷମାନେ କାଠ କାରିଗରୀ କାମ କରି ପରିବାର ଭରଣପୋଷଣ କରୁଥିବା ବେଳେ ଏହି କୌଳିକ ବୃତ୍ତିକୁ ଆଗାମୀ ପିଢ଼ି ଆପଣେଇବାକୁ ପ୍ରୟାସ କରୁଥିବା କଳାହାଣ୍ଡି ଜିଲ୍ଲାର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ସଦସ୍ୟମାନେ କହିଛନ୍ତି । ଏମାନଙ୍କ ପିଢ଼ି ପରେ ପିଢ଼ି ଏହି କାରିଗରୀ ଉପରେ ନିର୍ଭରଶୀଳ ଥିବା ବେଳେ ଆଜିର ଯୁବପିଢ଼ିମାନେ ମଧ୍ୟ ଏଥିରୁ ବାଦ ପଡ଼ି ନାହାନ୍ତି ।



ସେମାନେ ମଧ୍ୟ କାଠ କରିଗରୀକୁ ନିଜର ବୃତ୍ତି ଭାବେ ଆପଣେଇ ନେଇଛନ୍ତି । ରାଜ୍ୟ ସରକାରଙ୍କ ତରଫରୁ ଏମାନେ ଡିଷ୍ଟ୍ରିକ୍ଟ ଇଣ୍ଡଷ୍ଟ୍ରି ସେଣ୍ଟରରୁ ମାଗଣାରେ ଟ୍ରେନିଂ ନେଇଥିବା ଷ୍ଟଲ୍ ପକ୍ଷରୁ ଯଶ୍ମିତା ପାତ୍ର କହିଛନ୍ତି । ବର୍ତ୍ତମାନ କାଠରେ ନିର୍ମିତ ହୋମ୍ ଡେକୋର୍‌ର ଚାହିଦା ବଢୁଥିବା ବେଳେ ଏହାକୁ ଜଣେ ବୃତ୍ତିଭାବେ ଗ୍ରହଣ କରି ରୋଜଗାରକ୍ଷମ ହୋଇପାରିବ ବୋଲି ସେ କହିଛନ୍ତି । ତାଙ୍କ ପରିବାରର ପୁରୁଷମାନେ କାଠକୁ ବିଭିନ୍ନ ଆକୃତି ଦେଉଥିବା ବେଳେ ମହିଳାମାନେ ସେଥିରେ ରଙ୍ଗ ଦେବା ଓ ପଲିସ କାମ କରିଥାନ୍ତି । ଏହାସହ ସ୍ଥାନୀୟ ମାର୍କେଟ, ଅନଲାଇନ୍, ଅଫ୍ ଲାଇନ୍ ଓ ମେଳା ମହୋତ୍ସବରେ ଏସଏଚଜି ମା’ମାନେ ଏହାକୁ ବିକ୍ରି କରିଥାନ୍ତି । ଏଥର ଆଦିବାମସୀ ମେଳାରେ କାଠରେ ଗଣେଶ, ସରସ୍ୱତୀ, ଜଗନ୍ନାଥ, ବିଷ୍ଣୁ, ମା ଦୁର୍ଗା, ସନ୍ତୋଷୀ ଆଦି ଦେବାଦେବୀଙ୍କ ଅବିକଳ ପ୍ରତିମୂର୍ତ୍ତି ସମେତ ହଳ, ଲଙ୍ଗଳ, ସବାରୀ, ପାଲିଙ୍କି, ହାତୀ, ବୁଦ୍ଧ ଆଦିଙ୍କ ମୂର୍ତ୍ତି ଷ୍ଟଲର ଶୋଭା ବଢ଼ାଉଛନ୍ତି । ଦୁଇଇଞ୍ଚ ଉଚ୍ଚତାରୁ ଆରମ୍ଭ କରି ୪ଫୁଟ ପର୍ଯ୍ୟନ୍ତ ମୂର୍ତ୍ତି ଏଠାରେ ବିଭିନ୍ନ ମୂର୍ତ୍ତି ରହିଛି ଦେଖିବାକୁ ମିଳିଛି । ତେବେ ଏହିସବୁ ସାମଗ୍ରୀଗୁଡ଼ିକ ଶାଗୁଆନ କାଠରେ ତିଆରି ହୋଇଥିବା ସହ ଆକର୍ଷଣ ପାଲଟିଛି ଗଜାନନଙ୍କ ୪ଫୁଟ ଉଚ୍ଚତାର ମୂର୍ତ୍ତି ଓ ହାତୀ । ଏହାକୁ ତିଆରି କରିବାକୁ ଏକମାସ ସମୟ ଲାଗିଥିବା ବେଳେ ଏହାର ଦାମ୍ ରହିଛି ୩୫ ହଜାର ଟଙ୍କା । ଏହିସବୁ ବଡ଼ ବଡ଼ ହୋଟେଲ, ରେସ୍ତୋରାଁ, କର୍ପୋରେଟ୍ ଅଫିସ ସମେତ ଘର ସଜ୍ଜାପାଇଁ ଲୋକେ କିଣୁଥିବା ସେ କହିଛନ୍ତି । କାରଣ ଏହା ବର୍ଷ ବର୍ଷ ଧରି ନଷ୍ଟ ନ ହେବା ସହ ଏହାର ରଙ୍ଗର ଚମ ବି ବହୁଦିନ ପର୍ଯ୍ୟନ୍ତ ରହିଥାଏ । ଏହାର ଦାମ୍ ୧୭୫ ଟଙ୍କାରୁ ଆରମ୍ଭ କରି ୩୫ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି ।











# ଭୁବନେଶ୍ୱର ସିଟି

# ୧୨୭ ନିର୍ମାଣ ଶ୍ରମିକଙ୍କୁ ୧ କୋଟି ସହାୟତା



**ଭୁବନେଶ୍ୱର, ୨୭ ।୧(ସମିସ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳ ସମେତ ବାଲିଅନ୍ତା, ବାଲିପାଟଣା ବ୍ଲକ ଅଧୀନ ପଞ୍ଜିକୃତ ନିର୍ମାଣ ଶ୍ରମିକମାନଙ୍କ ପାଇଁ ଆଜି ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଏକ ସହାୟତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧକ୍ଷା ଶ୍ରୀମୟୀ ମିଶ୍ର କହିଲେ, ପୂର୍ବରୁ ବିଭିନ୍ନ ସ୍ଥାନରୁ ସାମ୍ବାଦିକମାନେ ଓଡ଼ିଶାର ଦୁର୍ଭିକ୍ଷ, ଅନାହାର ପୀଡ଼ିତଙ୍କ କାହାଣୀ ବଖାଣିବାକୁ ସାମ୍ବାଦିକମାନେ ଆସୁଥିଲେ। ମାତ୍ର ବର୍ତ୍ତମାନ ଆମ ରାଜ୍ୟ ଖାଦ୍ୟ ଶସ୍ୟ ଉତ୍ପାଦନରେ ବିଶ୍ୱସ୍ତରରେ ୩ୟ ସ୍ଥାନ ଅଧିକାର କରିଥିବା ବେଳେ ମାତୃ ମୃତ୍ୟୁ ଓ ଶିଶୁ ମୃତ୍ୟୁ ହାର ରୋକିବା ଦିଗରେ ଆମ ସରକାର ସଫଳ ହୋଇ ପାରିଛନ୍ତି। ଏହା ହିଁ ହେଉଛି ଆମ ମୁଖ୍ୟମନ୍ତ୍ରୀଙ୍କ ସୁଶାସନର ବଳିଷ୍ଠ ଉଦାହରଣ। ସମ୍ମାନିତ ଅତିଥି ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ବାଲିଅନ୍ତା ଓ ବାଲିପାଟଣା ବ୍ଲକ ଅଧ୍ୟକ୍ଷ, ଜିଲ୍ଲା ପରିଷଦ ମେମ୍ବର ଉପସ୍ଥିତ ରହି ସହାୟତା ରାଶି ପ୍ରଦାନ କରିଥିଲେ। ଏହି ଶିବିରରେ ୪୮ ଜଣଙ୍କୁ ୯୪ ହଜାର ଟଙ୍କା ମୃତ୍ୟୁକାଳୀନ ସହାୟତା, ୨୯ ଜଣଙ୍କୁ ୧ ଲକ୍ଷ ୪୫ ହଜାର ଅନ୍ତ୍ୟେଷ୍ଟିକ୍ରିୟା ସହାୟତା, ୩୪ଜଣଙ୍କୁ ୧୫ ଲକ୍ଷ ୨୫ହଜାର ଟଙ୍କା ବିବାହକାଳୀନ ସହାୟତା, ୧୦ଜଣଙ୍କୁ ୨ ଲକ୍ଷ ୧ ହଜାର ଶିକ୍ଷା ସହାୟତା, ୬ ଜଣଙ୍କୁ ୬୦ହଜାର ପ୍ରସବ କାଳୀନ ସହାୟତା ପ୍ରଦାନ କରାଯାଇଥିଲା। ସର୍ବମୋଟ ୧୨୭ ଜଣଙ୍କୁ ୧ କୋଟି ୧୩ଲକ୍ଷ ୩୧ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ୨୩୨ ନିର୍ମାଣ ଶ୍ରମିକଙ୍କୁ ନୂତନ କାର୍ଡ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଶ୍ରମ ଅଧିକାରୀ ସୌମ୍ୟା ରଞ୍ଜିତା ଦଳାଇ, କାଳିପୁତ୍ର କୁଳଦୀପ ପ୍ରସାଦ, ବିକାଶ ଅଗ୍ରୱାଲ, ଅର୍ଚ୍ଚନା ନାୟକ, ପ୍ରଜ୍ଞା ନାୟକଙ୍କ ସମେତ କଲ୍ୟାଣ ସଂଯୋଜକ ଲମ୍ବୋଦର ରାଉତ ଓ ଡିଇଓ ଶିବ ପ୍ରସାଦ ମହାପାତ୍ର ହିତାଧିକାରୀଙ୍କ ସହାୟତା ବଣ୍ଟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହାସହ ବିଭିନ୍ନ ୱାର୍ଡର କର୍ପୋରେଟର୍, ବିଭାଗୀୟ ଅନ୍ୟ ପଦାଧିକାରୀ, ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ ସଞ୍ଚାଳନ କରିଥିବା ବେଳେ ଶ୍ରମ ଅଧିକାରୀ ଦେବଶ୍ରୀ ବେହେରା ଧନ୍ୟବାଦ ଦେଇଥିଲେ।



ରାଜ୍ୟପାଳଙ୍କ ଠାରୁ ରାଷ୍ଟ୍ରପତି ପୁରସ୍କାର ଗ୍ରହଣ କରୁଛନ୍ତି ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ( ଆଇନ ଓ ଶୃଙ୍ଖଳା ) ସଞ୍ଜୟ କୁମାର

■ ୨.୩୫ କୋଟି ଠକେଇ ମାମଲା

## ବିଜୟ ଓ ହିମାଂଶୁଙ୍କୁ ୧୦ ବର୍ଷ ଜେଲ

**ଭୁବନେଶ୍ୱର, ୨୭ ।୧(ସମିସ):** ୨.୩୫ କୋଟି ଠକେଇ ମାମଲାରେ ବିଜୟ ଭରଦ୍ୱାଜ ଓ ହିମାଂଶୁ ଭଣ୍ଡାରୀ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୨୦୧୯ ମସିହାର ଠକେଇ ମାମଲାରେ ବାଲେଶ୍ୱର ଓପିଆଇଡି କୋର୍ଟ ଉଭୟଙ୍କୁ ଉଭୟଙ୍କୁ ୧୦ବର୍ଷ ଜେଲ ଦଣ୍ଡ ସହ ୩ଲକ୍ଷ ଟଙ୍କାର ଜରିମାନା ଶୁଣାଇଛନ୍ତି। ଜରିମାନା ଅନାଦେୟ ହେଲେ ୨ବର୍ଷ ଅଧିକ ଜେଲଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ଯୋଡ଼ାର ବ୍ୟବସାୟୀ ପ୍ରମୋଦ ରାଉତଙ୍କଠାରୁ ୩କୋଟି ଟଙ୍କାର ଠକେଇ କରିଥିଲେ। ପ୍ରଧାନମନ୍ତ୍ରୀ ରାହତ କୋଷ ଯୋଜନାରେ ସେମାନେ ପ୍ରମୋଦଙ୍କୁ ଠକିଥିଲେ। ପ୍ରମୋଦଙ୍କ ବିଶ୍ୱାସଭାଜନ ହେବା ପାଇଁ ଅଭିଯୁକ୍ତମାନେ ଆୟକର ବିଭାଗ, ଆର୍‌ବିଆଇର କିଛି ନକଲି ଡକ୍ୟୁମେଣ୍ଟ ପଠାଇଥିଲେ। ଏନେଇ ପ୍ରମୋଦ ଅର୍ଥନୈତିକ ଅପରାଧ ଶାଖାର ଦ୍ୱାରସ୍ଥ ହୋଇଥିଲେ। ୨୦୨୨ ମାର୍ଚ୍ଚ ୧୫ ହିମାଂଶୁ ଭଣ୍ଡାରୀ ଗିରଫ ହୋଇଥିଲେ। ୨୦୨୨ ନଭେମ୍ବର ୧୧ ରେ ବିଜୟ ଭରଦ୍ୱାଜ ଗିରଫ ହୋଇଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରିଥିଲା ଇଓଡବ୍ଲ୍ୟୁ।

## ମହିଳାଙ୍କୁ ଦୁର୍ବ୍ୟବହାର କରି ଗିରଫ

**ଭୁବନେଶ୍ୱର/ବାଲିଅନ୍ତା ୨୭।୧ (ସମିସ):** ମହିଳାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ବାଲିଅନ୍ତା ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ଭିଙ୍ଗାରପୁର ଶାସନର ପୂର୍ଣ୍ଣଚନ୍ଦ୍ର ନାୟକ ଓରଫ୍ ବାପି (୨୯) । ପୁଲିସ ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୧୧ଟା ସମୟରେ ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ଶୌଚ ହେବା ପାଇଁ ଘର ପଛ ପାର୍ଶ୍ୱକୁ ଯାଇଥିବା ବେଳେ ବାପି ଲାଟିନ ପାଖରେ ଲୁଚି ରହିଥିଲା । ବାପି ପୀଡ଼ିତାଙ୍କୁ ଏକାକୀ ପାଇ ବଳପୂର୍ବକ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ସେହି ସମୟରେ କିଛି ଅସାମାନ୍ୟ ଶବ୍ଦ ଶୁଣି ପୀଡ଼ିତାଙ୍କ ବଡ଼ ଭାଇ ଘଟଣାସ୍ଥଳକୁ ଆସିବାରୁ ବାପି ଘଟଣା ସ୍ଥଳରୁ ଦୌଡି ପଳାଇଥିଲା । ମହିଳା ଜଣଙ୍କ ଏନେଇ ବାଲିଅନ୍ତା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା ।



'ସକାଳ' ଭୁବନେଶ୍ୱର କାର୍ଯ୍ୟାଳୟରେ ବିଶ୍ୱର ସର୍ବବୃହତ ମୁକ୍ତାକାଶ ରଙ୍ଗମଞ୍ଚ ତଥା ବରଗଡ଼ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିବା ହୃଷୀକେଶ ଭୋଇ ଓ ମହାମନ୍ତ୍ରୀ ଶକ୍ରାଜିତ ଭୂମିକାରେ ଅଭିନୟ କରିଥିବା ଗୋଲାପ ଚନ୍ଦ୍ର ଦାସ

## ଏଥର ତ୍ରିବେଣୀ ମହୋତ୍ସବ ୫ଦିନ

**ବାଲିପାଟଣା, ୨୭।୧(ସମିସ):** ଆସନ୍ତା ଫେବୃଆରୀ ୯ରେ ପ୍ରସିଦ୍ଧ ତ୍ରିବେଣୀ ଅମାବାସ୍ୟା ଅବସରରେ ଅନ୍ତର୍ବେଦୀ ମଠ ନିକଟରେ ପୁଣ୍ୟତୋୟା ପ୍ରାଚୀତଟରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଇବେ। 'ଆମ ସଙ୍ଗଠନ'ର ସଭାପତି କମଳ କୁମାର ପାତ୍ର (ଚନ୍ଦନ)ଙ୍କ ପୃଷ୍ଠପୋଷକତାରେ ଏହି କାର୍ଯ୍ୟକ୍ରମ ଚଳିତ ବର୍ଷ ୩ଦିନ ପରିବର୍ତ୍ତେ ୫ ଦିନ ଧରି ଆୟୋଜିତ ହେବ। ଏଥିପାଇଁ ଅନ୍ତର୍ବେଦୀ ମଠ ଠାରେ ଆୟୋଜିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହ ପ୍ରତିବର୍ଷ ଭଳି ସାରଳାଙ୍କ ଘଣ୍ଟ ବାଦ୍ୟ ସହିତ ଓଡ଼ିଶୀ, ଗୋଟିପୁଅ, ଭଜନ ସହିତ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ପାଇଁ ପ୍ରୟାସ କରାଯିବ। କିଶୋର ଜେନା, ପ୍ରଦୀପ୍ତ ଜେନାମଣି, ପ୍ରଦ୍ୟୁମ୍ନ ସେନାପତି, ବ୍ଲକ ଚେୟାରମ୍ୟାନ ହରପ୍ରିୟା ଦାସ, ବାସନ୍ତୀ ଖଟୁଆ ବୈଠକରେ ଉପସ୍ଥିତ ଥିଲେ।

## ଭାରତୀୟ ଯୋଗ ସଂସ୍ଥାନ ପକ୍ଷରୁ 'ବସନ୍ତ ଉତ୍ସବ'

**ଭୁବନେଶ୍ୱର, ୨୭।୧(ସମିସ):** ସାଧାରଣତନ୍ତ୍ର ଦିବସ ଅବସରରେ ଭାରତୀୟ ଯୋଗ ସଂସ୍ଥାନର ନୂଆପଲ୍ଲୀ ଯୋଗଜିଲ୍ଲା ପକ୍ଷରୁ ବିଭିନ୍ନ ଯୋଗ କେନ୍ଦ୍ରରେ ଜାତୀୟ ପତାକା ଉତ୍ତୋଳନ କରାଯାଇଛି। ଏହାସହ ସନ୍ଧ୍ୟାରେ ପୁରୁଣା ଏଜି କଲୋନୀରେ ଯୋଗ ସାଧକ ସାଧିକା ମାନଙ୍କ ଦ୍ୱାରା 'ବସନ୍ତ ଉତ୍ସବ' ପାଳନ କରାଯାଇଥିଲା। ଏଥିରେ ଭଜନ, ପାଲା, ସମ୍ବଲପୁରୀ ଲୋକ ନୃତ୍ୟ, ଆଧୁନିକ ସଙ୍ଗୀତ, ସ୍ୱରଚିତ କବିତା ଆବୃତ୍ତି, ବ୍ୟଙ୍ଗ କବିତା ଆଦି ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ଭାରତୀୟ ଯୋଗ ସଂସ୍ଥାନର ଓଡ଼ିଶା ମୁଖ୍ୟ ସୁରେଶ କୁମାର ମହାପାତ୍ର, ପ୍ରାନ୍ତ ସଦସ୍ୟା ମଞ୍ଜୁଳା ମିଶ୍ରଙ୍କ ସମେତ ୧୫୦ରୁ ଊର୍ଦ୍ଧ୍ୱ ଯୋଗ ସାଧକ ସାଧିକା ଓ ଜନ ସାଧାରଣ ଉପସ୍ଥିତ ଥିଲେ। ସତ୍ୟ ନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଶୁଭ୍ରସୀମା ମହାନ୍ତି ପରିଚାଳନା କରିଥିଲେ।

## 'ବିଦାୟ ବିଦ୍ୟାଗୁରୁ' ଲୋକାର୍ପିତ



**ଭୁବନେଶ୍ୱର, ୨୭।୧(ସମିସ):** ପାଇକରାପୁର ମଧ ଇଂରାଜୀ (ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ଶିକ୍ଷାବିତ୍ କାହ୍ନୁଚରଣ ସାହୁଙ୍କ ଏକାଦଶାହ ଅବସରରେ ବିଦାୟ ବିଦ୍ୟାଗୁରୁ ପୁସ୍ତକ ଲୋକାର୍ପିତ ହୋଇଯାଇଛି। ଏଥିରେ ପୂର୍ବତନ ସଂସ୍କୃତ ଶିକ୍ଷକ ମନୋରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରାଷ୍ଟ୍ରୀୟ ଶିକ୍ଷା ଅଧିକାର ଅଭିଯାନର ପୂର୍ବତନ ସଂଯୋଜକ ଅଦ୍ୱୈତ ବଳିୟାରସିଂ, ଅବସରପ୍ରାପ୍ତ ଅଚ୍ୟୁତାନନ୍ଦ ବଳିୟାରସିଂ, ବେଣୁଧର ଛୁଆଳସିଂ, ଶିକ୍ଷାବିତ୍ ଶାନ୍ତନୁ କୁମାର ରାଉତରାୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇ ସ୍ୱର୍ଗତ କାହ୍ନୁଚରଣ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭୂତି ଭୂଷଣ ବଳିଆରସିଂ, ମନୋଜ କୁମାର ରାଉତରାୟ, ବ୍ରହ୍ମାନନ୍ଦ ମଙ୍ଗରାଜ, ପୂର୍ବତନ ଛାତ୍ର ତଥା ନିଖିଳ ଓଡ଼ିଶା ପାଇକ ମହାସଂଘର ସଭାପତି ଅଶୋକ କୁମାର ପାଲଟାସିଂ, ପ୍ରମୁଖ ଯୋଗ ଦେଇଥିଲେ।

ବିଜେପିର ରାଜ୍ୟ ପ୍ରଭାରୀ ଓ ସହପ୍ରଭାରୀ ନିଯୁକ୍ତ

## ବିଜୟ ପାଲ ସିଂହ ତୋମାର ଓଡ଼ିଶା ପ୍ରଭାରୀ

**ଭୁବନେଶ୍ୱର, ୨୭ ।୧(ସମିସ):** ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜଗତ ପ୍ରକାଶ ନଡ୍ଡା ଆଜି ବିଭିନ୍ନ ରାଜ୍ୟ ପାଇଁ ପ୍ରଭାରୀ ଓ ସହପ୍ରଭାରୀ ନାମ ତାଲିକା ଘୋଷଣା କରିଛନ୍ତି। ଓଡ଼ିଶା ପାଇଁ ବିଜୟ ପାଲ ସିଂହ ତୋମାରଙ୍କୁ ପ୍ରଭାରୀ ଦାୟିତ୍ୱ ମିଳିଥିବାବେଳେ ଲତା ଉସେଣ୍ଡିଙ୍କୁ ସହପ୍ରଭାରୀ ଦାୟିତ୍ୱ ମିଳିଛି। ଶ୍ରୀ ତୋମାର ଉତ୍ତରପ୍ରଦେଶରୁ ସାଂସଦ ଏବଂ ଶ୍ରୀମତୀ ଉସେଣ୍ଡି ଛତିଶଗଡ଼ରେ ବିଧାୟକଭାବେ ନିର୍ବାଚିତ ହୋଇଛନ୍ତି।



## 'ସକାଳ' ଓ 'ନନ୍ଦିଘୋଷ'ଟିଭି କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ

**ଭୁବନେଶ୍ୱର, ୨୭।୧(ସମିସ):** 'ଦୈନିକ ଖବରକାଗଜ 'ସକାଳ' ଓ 'ନନ୍ଦିଘୋଷ' ଟିଭିର ଭଗବାନପୁରସ୍ଥିତ କାର୍ଯର୍ୟାଳୟରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଉତ୍ସବରେ 'ନନ୍ଦିଘୋଷ' ଟିଭିର ମୁଖ୍ୟ ସମ୍ପାଦକ ଶିଶିର ଭଞ୍ଜମିଶ୍ର, ନନ୍ଦିଘୋଷ ଟିଭିର ସିଓଓ ଯବର ସିଂହ ପନୱର ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ। 'ସକାଳ' ଡିଜିଟାଲ ମୁଖ୍ୟ ସୁଦାମ ଭଞ୍ଜଭିଶ୍ର, 'ସକାଳ' ଓ 'ନନ୍ଦିଘୋଷ'ର ଡିଜିଏମ୍ ଜିଷ୍ଣୁ ମହାନ୍ତିଙ୍କ ସମେତ 'ନନ୍ଦିଘୋଷ' ଟିଭି ଓ 'ସକାଳ'ର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ପଟିଆ କପ୍ କବାଡ଼ି ଉଦ୍‌ଘାଟିତ

**ନନ୍ଦନକାନନ, ୨୭।୧(ସମିସ):** ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜ ପରିସରରେ ଶୁକ୍ରବାରଠାରୁ କଳିଙ୍ଗ କବାଡ଼ି ଏକାଡେମୀ ଆନୁକୂଲ୍ୟରେ ତିନିଦିନିଆ ୧୪ତମ ରାଜ୍ୟସ୍ତରୀୟ ପଟିଆ କପ୍ କବାଡ଼ି ଚାମ୍ପିଅନସିପ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୨୬ଟି ମହିଳା ଓ ପୁରୁଷ ଦଳ ଭାଗ ନେଇଛନ୍ତି। ସେଥିରେ ୧୪ଟି ପୁରୁଷ ଓ ୧୨ଟି ମହିଳା ଦଳ ଅଛନ୍ତି। ଉଭୟ ପୁରୁଷ ଓ ମହିଳା ବିଜେତା ଦଳକୁ ୩୦ହଜାର, ଉପ ବିଜେତା ଦଳକୁ ୨୦ହଜାର, ତୃତୀୟ ଏବଂ ଚତୁର୍ଥ ଦଳକୁ ୫ହଜାର ପୁରସ୍କାର ନଗଦ ରାଶି ସହ ଟ୍ରଫି ପ୍ରଦାନ କରାଯିବ। ପ୍ରଥମ ଦିନରେ ଦୁଇଟି ପୁରୁଷ ଓ ଦୁଇଟି ମହିଳା ଦଳ ଭିତରେ ପ୍ରାରମ୍ଭିକ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତ, ସମ୍ମାନିତ ଅତିଥି ଭାବେ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ଶ୍ରମିକ କଲ୍ୟାଣ ବୋର୍ଡର ଅଧକ୍ଷା ଶ୍ରୀମୟୀ ମିଶ୍ର, କର୍ପୋରେଟର ମିହିର ରାଉତ, ଲକ୍ଷ୍ମୀପ୍ରିୟା ପରିଡ଼ା, ମୋନାଲିସା ବେହେରା, କଲେଜ ଅଧକ୍ଷ ପ୍ରଶାନ୍ତ ରାଉତ, ପଟିଆ ଗ୍ରାମର ମୁରବୀ ନୃସିଂହ ରାଉତ, ଅଭୟ ବଡ଼ଜେନା ଯୋଗ ଦେଇଥିଲେ।



## ବ୍ଲୋସମ୍ସ ସ୍କୁଲରେ ଗଣତନ୍ତ୍ର ଦିବସ



**ଭୁବନେଶ୍ୱର, ୨୭।୧(ସମିସ):** ଭୁବନେଶ୍ୱରସ୍ଥିତ ବ୍ଲୋସମ୍ସ ସ୍କୁଲ ପରିସରରେ ସାଧାରଣତନ୍ତ୍ରର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନୀଲ ଧିର ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହା ସହିତ ସେ ପିଲାମାନଙ୍କୁ ଜାତୀୟ ଏକତା ଏବଂ ଭାତୃଭାବ ଉପରେ ଉଦ୍‌ବୋଧନ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତା ପଣ୍ଡା ଭାରତୀୟ ବିବିଧତା ମଧ୍ୟରେ ଏକତା ଉପରେ ଆଲୋକପାତ କରିଥିଲେ। ପ୍ରତିଷ୍ଠାତା ମ୍ୟାନେଜର ତୁରାଜ ମୋଗ୍‌ବେଲ୍‌ପୋର୍ ଗଣତନ୍ତ୍ର ଦିବସର ପ୍ରାଧାନ୍ୟ ସମ୍ପର୍କରେ ପିଲାମାନଙ୍କୁ କହିଥିଲେ। ଏହି ଅବସରରେ ବ୍ଲୋସମ୍ସ ଏକ୍ସିଲେନ୍ସ ଆୱାର୍ଡ ପ୍ରଦାନ କରାଯାଇଥିଲା। ଡା. ଜୁବିନ୍ ମହାନ୍ତି, ହରପ୍ରିୟା ପତି, ଅଳକା ପାଣିଗ୍ରାହୀ, ଶୁଭେନ୍ଦୁ କୁମାର ଦାସ, ଦେବାଶିଷ ମହାନ୍ତି, ଅମରେଶ ପଣ୍ଡା ଏବଂ ପ୍ରଳୟ ଜେନାଙ୍କୁ ପୁରସ୍କୃତ କରାଯାଇଥିଲା।

## ଏଏମ୍‌ଏନ୍ ଷ୍ଟିଲ୍ ପ୍ଲାଣ୍ଟରେ ବିପିଏନ୍‌ଏସ୍‌ଆଇର କର୍ମଶାଳା



**ପାରାଦ୍ୱୀପ,୨୭।୧(ସମିସ):** ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ, ପାରାଦୀପ ଠାରେ ଅବସ୍ଥିତ ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ କାରଖାନାରେ ସଷ୍ଟେନେବିଲିଟି, ଏନର୍ଜି କନଜେର୍ଭେସନ୍ ଏବଂ ଇମୋସନାଲ ଇଣ୍ଟେଲିଜେନ୍ସ ସଂବନ୍ଧୀୟ ଏକ ଦିବସୀୟ କର୍ମଶାଳା ଆୟୋଜନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରୀତମ୍ ପୁରକାୟସ୍ଥ ସ୍ୱାଗତ ଭାଷଣ ଭିଡିଓ କନ୍ଫରେନ୍ସ ମାଧ୍ୟମରେ ସଷ୍ଟେନେବିଲିଟି ବିଷୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ। ବିପିଏନଏସଆଇ ତରଫରୁ ପ୍ରଫେସର ଶରତ ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ପ୍ରଫେସର, ଆଇ ଆଇ ଟି ଖଡଗପୁର ଶୈକ୍ଷଣିକ ସଂଦର୍ଭ ମାଧ୍ୟମରେ ସଷ୍ଟେନେବିଲିଟି, ଏନର୍ଜି କନଜେର୍ଭେସନ୍ ଇନ୍ ପାଲେଟ ପ୍ଲାଣ୍ଟ ବିଷୟ ରେ ବିସ୍ତୃତ ବିବରଣୀ ଏ ଏମ୍ ଏନ୍ ଏସ୍ ପ୍ଲାଣ୍ଟର ଇଞ୍ଜିନିୟରଙ୍କୁ ପଢାଇବା ସହ ସେମାନଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ପରେ ପରେ ଇଂ ସନ୍ଦୀପ ଦାସ ଇମୋସନାଲ ଇଣ୍ଟେଲିଜେନ୍ସ ସଂବନ୍ଧୀୟ ଦୀକ୍ଷାନ୍ତ ଭାଷଣ କର୍ମଶାଳା ରେ ଉପସ୍ଥାପନ କରିଥିଲେ। ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍ କାରଖାନାର ମାନବ ସମ୍ବଳ ମୁଖ୍ୟ ସୁନୀଲ ଦାସ, ବିପିଏନଏସଆଇର ଦୁର୍ଗେଶ ପ୍ରସାଦ ପଣ୍ଡା ଏବଂ ଇଂ ପ୍ରଦୀପ କୁମାର ମହାଲିକ ଉପସ୍ଥିତ ଥିଲେ। ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ କାରଖାନାର ମାନବ ସବଳ ଅଧିକାରୀ ସୁପ୍ରିୟା ସ୍ୱାଇଁ ଏବଂ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ର ପ୍ରଫେସର ସତ୍ୱପ୍ରିୟ ଶତପଥୀ କର୍ମଶାଳା ସଂଚାଳନ କରିଥିଲେ।

## ଏଏସ୍‌ବିଏମ୍ ଜାତୀୟ ମାର୍କ ଲଜିଷ୍ଟିକ୍ସ ସିମ୍ପୋଜିଅମ୍




**ଭୁବନେଶ୍ୱର, ୨୭।୧(ସମିସ):** ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟରେ ସାର୍କୁଲାର ସପ୍ଲାଏ ଚେନ୍ ବିଲ୍‌ଡିଂ କମ୍ପିଟେଟିଭ ଆଡଭାଣ୍ଟେଜ୍ ବିଷୟବସ୍ତୁ ଉପରେ ତ୍ରୟୋଦଶ ଜାତୀୟ ମାର୍କ ଲଜିଷ୍ଟିକ୍ସ ସିମ୍ପୋଜିଅମ୍ ଅନୁଷ୍ଠିତ ହୋଇଯାଇଛି। ଆର୍ସେଲର ମିତ୍ତଲ ନିପୋନ ଷ୍ଟିଲର ନିର୍ଦ୍ଦେଶକ ତଥା ଭିଲାଇ ଏବଂ ଦୁର୍ଗାପୁର ଷ୍ଟିଲ ପ୍ଲାଣ୍ଟର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ ଅରୁଣ କୁମାର ରଥ ସିମ୍ପୋଜିଅମକୁ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ଉଦଘାଟନୀ ଅଭିଭାଷଣରେ ଲିନିଅର୍ ସପ୍ଲାଏ ଚେନ ଓ ସାର୍କୁଲାର୍ ସପ୍ଲାଏ ଚେନ ମଧ୍ୟରେ ପାର୍ଥକ୍ୟ ଦର୍ଶାଇ କହିଲେ ଯେ ଶିକ୍ଷାନୁଷ୍ଠାନମାନେ ସଷ୍ଟେନେବଲ ହେବା ପାଇଁ ସାର୍କୁଲାର୍ ସପ୍ଲାଏ ଚେନ ପଦ୍ଧତିକୁ ଆପଣେଇବା ଉଚିତ ବୋଲି କହିଥିଲେ। ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଭୁଦତ୍ତ ମହାନ୍ତି ସାର୍କୁଲାର ସପ୍ଲାଏ ଚେନର ପ୍ରୟୋଗ ଦ୍ୱାରା ନାଲକୋ କିଭଳି ଭାବରେ ବ୍ୟବସାୟିକ ସଫଳତା ହାସଲ କରିଛି ତାହା ଦର୍ଶାଇ ଥିଲେ। ଅନ୍ୟତମ ଅତିଥି ଆଇଜି ଡ୍ରେକ୍ଟର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବୋଧିଦ୍ୱ ସଂଘପ୍ରିୟ ତାଙ୍କ ଅନୁଷ୍ଠାନରେ ଡ୍ରୋନ୍ ପ୍ରସ୍ତୁତିରେ ସାର୍କୁଲାର ସପ୍ଲାଏ ଚେନ୍ କିଭଳି ଫଳପ୍ରଦ ହୋଇଛି ତାହାର ଉଦାହରଣ ଦେଇଥିଲେ। ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର କୁଳାଧକ୍ଷ ଓ ପ୍ରତିଷ୍ଠାତା ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ ପୌରୋହିତ୍ୟ କରି ତାଙ୍କ ଅଭିଭାଷଣରେ କହିଲେ, ସାର୍କୁଲାର୍ ସପ୍ଲାଏ ଚେନର ପ୍ରଚଳନ ପୁରାତନ କାଳରୁ ହୋଇ ଆସୁଥିଲେ ବି ଶିକ୍ଷ କ୍ଷେତ୍ରରେ ଏହାର ବ୍ୟବସାୟିକ ପ୍ରୟୋଗ ବର୍ତ୍ତମାନ ଯୁଗ ପାଇଁ ଅତ୍ୟନ୍ତ ସମୟ ଉପଯୋଗୀ। ଏଚଏଣ୍ଡଏମ୍‌ର ସିନିୟର୍ କଣ୍ଟ୍ରୋଲର କାନ୍ତି ବ୍ରହ୍ମା ଏବଂ ଡାବର ଇଣ୍ଡିଆର ରିଜନାଲ ମ୍ୟାନେଜର ଅଭିଜିତ ଚୌଧୁରୀ ଯୋଗ ଦେଇ ଆଲୋଚନାଚକ୍ରରେ ଭାଗ ନେଇଥିଲେ। ଡକ୍ଟର ଋତୁପର୍ଣ୍ଣା ଦାଶ ଏହାର ସଂଯୋଜନା କରିଥିଲା ବେଳେ କୁଳପତି ପ୍ରଫେସର ରଞ୍ଜନ କୁମାର ବଳ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ପ୍ରତାପ କୁମାର ପତି ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ସିମ୍ପୋଜିଅମ୍‌ରେ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧୀ ଗବେଷକ, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

# ଭୁବନେଶ୍ୱର ସିଟି



# ଅଣବିସ୍ଫୋରକ ଗ୍ୟାସ୍ ସିଲିଣ୍ଡର୍ ପ୍ରତି ବଢୁଛି ଆଗ୍ରହ



**ଭୁବନେଶ୍ୱର, ୨୭।୧(ସମିସ):**

ଏକାକୀ ରହି ନିଜ ହାତରେ ରୋଷେଇ କରି ଖାଉଥିବା ଯୁବକ-ଯୁବତୀ, ବୃଦ୍ଧ-ବୃଦ୍ଧାଙ୍କ ପାଇଁ ସୁବିଧାଜନକ ରନ୍ଧନଗ୍ୟାସ୍ ପାଲଟିଛି ଅଣବିସ୍ଫୋରକ(ଏକ୍ସପ୍ଲୋଜନ୍ ପ୍ରୁଫ୍) ୧୦କିଲୋ ବିଶିଷ୍ଟ କମ୍ପୋଜିଟ୍ ଗ୍ୟାସ୍ ସିଲିଣ୍ଡର। ସ୍ୱଳ୍ପ ବ୍ୟବହାର ପାଇଁ ଏହା ବେଶ ସହାୟକ ହେଉଛି। ଜଣେ କିମ୍ବା ଦୁଇ ଜଣଙ୍କ ଦୈନିକ ରୋଷେଇ ପାଇଁ ଏହା ମାସେ ପର୍ଯ୍ୟନ୍ତ ବ୍ୟବହାର ହୋଇପାରୁଛି। ତେଣୁ ଏହାର ଚାହିଦା ବଢୁଥିବା ଭାରତୀୟ ତୈଳ ନିଗମ (ଆଇଓସିଏଲ୍) ସୂତ୍ରରୁ ଜଣାପଡ଼ିଛି। ଏହି ସିଲିଣ୍ଡର ୧୪.୨ ବଡ଼ ଷ୍ଟିଲ୍ ସିଲିଣ୍ଡର ତୁଳନାରେ ହାଲୁକା ଓ ବିସ୍ଫୋରଣର ଭୟ ଆଦୌ ନାହିଁ। ଏହାସହ ବଡ଼ ସିଲିଣ୍ଡର ଭଳି ଏହାର ମଧ୍ୟ ହୋମ୍ ଡେଲିଭରୀ ସୁବିଧା ଉପଲବ୍ଧ ରହିଛି। ତେଣୁ ଛୋଟ ପରିବାର ଓ ବ୍ୟାଚଲର୍, କର୍ପୋରେଟ୍ କର୍ମଚାରୀ ବଡ଼ ଷ୍ଟିଲ୍ ସିଲିଣ୍ଡର ଆଣିବା ପରିବର୍ତ୍ତେ ଏହାକୁ ବ୍ୟବହାର କରିବା ଶ୍ରେୟସ୍କର ମଣୁଛନ୍ତି।

ଉଚ୍ଚ ସାନ୍ଦ୍ରତା ପଲିଥାଇଲନ୍‌ରେ ତିଆରି ହୋଇଛି ଏହି ସିଲିଣ୍ଡର। ତେଣୁ ଏହାର ଓଜନ ଷ୍ଟିଲ୍ ସିଲିଣ୍ଡର ତୁଳନାରେ କମ୍। ଏଥିରେ କୌଣସି ବି କାରଣରୁ ଯଦି ନିଆଁ ଲାଗେ, ତେବେ ଏହା ବିସ୍ଫୋରଣ ହେବା ପରିବର୍ତ୍ତେ ଦହନ ହୋଇଯିବ। ଏହାସହ ଏଥିରେ କେତେ ପରିମାଣର ଗ୍ୟାସ୍ ରହିଛି

- **ବର୍ଷେ ଭିତରେ ୩ହଜାର ନୂଆ ସଂଯୋଗ**
- **ଅଧିକ କିଣୁଛନ୍ତି ବୟସ୍କ ଓ କର୍ପୋରେଟ୍ କର୍ମଚାରୀ**

ତା' ବି ଗ୍ରାହକ ଦେଖିପାରୁଛନ୍ତି। ଗୋଟିଏ ଥର ବ୍ୟବହାରରେ କେତେ ଗ୍ୟାସ୍ ସରୁଛି, ତା'ର ଆକଳନ କରାଯାଇପାରୁଛି। ବର୍ଷେରୁ ଊର୍ଦ୍ଧ୍ୱ ସମୟ ଧରି ଏହି ସିଲିଣ୍ଡର ଓଡ଼ିଶାର ମୁଖ୍ୟ ସହରମାନଙ୍କର ନିର୍ଦ୍ଦିଷ୍ଟ କେତେ ଜଣ ବିତରକଙ୍କ ପାଖରେ ଉପଲବ୍ଧ ହେଉଛି। ଲୋକଙ୍କ ପାଇଁ ସହଜ ଓ ସୁବିଧା ହେଉଥିବାରୁ କ୍ରମାଗତ ଭାବେ ଲୋକମାନେ ଏହାକୁ ଅଧିକରୁ ଅଧିକ ପସନ୍ଦ କରୁଛନ୍ତି। ଏ ସମ୍ପର୍କରେ ଆଇଓସିଏଲ୍‌ର ସିଜିଏମ୍ ସବ୍ୟସାଚୀ ମୁର୍ଖାଜୀ କହିଛନ୍ତି ଯେ ଚଳିତ ଆର୍ଥିକ ବର୍ଷର ନଭେମ୍ବର ସୁଦ୍ଧା ୩୨ଶହ ନୂଆ ଗ୍ରାହକ ଏହି ସିଲିଣ୍ଡରକୁ ଆପଣାଇଛନ୍ତି। ଏଥିପାଇଁ ଗ୍ରାହକଙ୍କୁ ୩ହଜାର ଟଙ୍କା ପୈଠ କରିବାକୁ ପଡୁଥିବାବେଳେ ୫କେଜିର କମ୍ପୋଜିଟ୍ ସିଲିଣ୍ଡର ପାଇଁ ୨୨ଶହ ଟଙ୍କା ଦେବାକୁ ପଡୁଛି। ଏଥିରେ କୌଣସି ପ୍ରକାର ରିହାତି ମିଳୁନଥିବା ସେ ସ୍ପଷ୍ଟ କରିଛନ୍ତି। ପୂର୍ବରୁ ଇଣ୍ଡେନ୍ ବ୍ୟବହାର କରୁଥିବା ଗ୍ରାହକ ମଧ୍ୟ ଏହି କମ୍ପୋଜିଟ୍ ସିଲିଣ୍ଡରକୁ ଆବଶ୍ୟକ ସିକ୍ୟୁରିଟି ଡିପୋଜିଟ୍ ଅର୍ଥ ପ୍ରଦାନ କରି ନିଜ ଗ୍ୟାସ୍‌କୁ ପରିବର୍ତ୍ତନ କରିପାରିବେ।

ପଟିଆ ନନ୍ଦନ ବିହାରରେ ରହୁଥିବା ବ୍ୟବହାରକାରୀ ଆଶିଷ ଗନ୍ତାୟତ କହିଛନ୍ତି, ଏକଦମ୍ ହାଲୁକା ହୋଇଥିବାରୁ ଏହି କମ୍ପୋଜିଟ୍ ସିଲିଣ୍ଡରକୁ ସିଡିରେ ଉଠାଇ ଉପର ମହଲାକୁ ନେବା ଓ ଘର ବଦଳାଇଲେ ବିଭିନ୍ନ ସ୍ଥାନକୁ ନେବାରେ କୌଣସି ସମସ୍ୟା ନାହିଁ। ସେହିଭଳି ସ୍ୱଳ୍ପ ଲୋକଙ୍କ ଭିତରେ ଆୟୋଜିତ ବିଭିନ୍ନ ଉତ୍ସବ ପାଇଁ ମଧ୍ୟ ଏହା ବେଶ ଭଲ। ବିଶେଷକରି ଯଦି କୌଣସି କାରଣରୁ ଏଥିରେ ନିଆଁ ଲାଗେ, ତେବେ ଏହା ଷ୍ଟିଲ୍ ଗ୍ୟାସ୍ ସିଲିଣ୍ଡର ଭଳି ବିସ୍ଫୋରଣ ହେବ ନାହିଁ। ବରଂ ପ୍ଲାଷ୍ଟିକ ହୋଇଥିବାରୁ ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯିବ। ଯାହା ବରିଷ୍ଠ ନାଗରିକଙ୍କ ପାଇଁ ବେଶ ଭଲ ହେଉଛି ବୋଲି ସେ କହିଛନ୍ତି।

## ଫିନେଷ୍ଟ ଓଡ଼ିଶା ସହ ବ୍ରିଟିଶ ଡେପୁଟି ହାଇକମିସନରଙ୍କ ଆଲୋଚନା



**ଭୁବନେଶ୍ୱର, ୨୭ ।୧(ସମିସ):** ପୂର୍ବ ଓ ଉତ୍ତର-ପୂର୍ବ ଭାରତର ଡେପୁଟି ହାଇକମିସନର ଡ. ଆଣ୍ଡ୍ରିୟୁ ଫ୍ଲେମିଂଙ୍କ ନେତୃତ୍ୱରେ ବ୍ରିଟିଶ ଡେପୁଟି ହାଇକମିସନର, କୋଲକାତାର ଏକ ୪ଜଣିଆ ପ୍ରତିନିଧି ଦଳ ବ୍ରିଟେନର ଫିନେଷ୍ଟର ଓଡ଼ିଶା କାର୍ଯ୍ୟାଳୟକୁ ଗସ୍ତ କରିଥିଲେ। ବିଶିଷ୍ଟ ଓଡ଼ିଆ ନିବେଶକ ତଥା ଉଦ୍ୟୋଗୀ ଡ. ବିଶ୍ୱନାଥ ପଟ୍ଟନାୟକ ଓ ଅରୁଣ କରଙ୍କ ଦ୍ୱାରା ପ୍ରତିଷ୍ଠିତ ବିଏନ୍‌ପି ଗ୍ରୁପ୍ ଅଧୀନସ୍ଥ ଫିନେଷ୍ଟ ଏହାର ଅତ୍ୟାଧୁନିକ ଜ୍ଞାନକୌଶଳରେ ଉଦ୍ଭାବନ କ୍ଷେତ୍ରରେ ଅଗ୍ରଣୀ ସ୍ଥାନରେ ରହିଛି। କମ୍ପାନୀ ଓଡ଼ିଶାରେ ହାଇଡ୍ରୋଜେନ୍‌ଭିତ୍ତିକ ଇଲେକ୍ଟ୍ରୋନିକ୍ ଯାନ ଉତ୍ପାଦନ ଏବଂ ବାୟୋ-ବ୍ୟାଗ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବାକୁ ଯାଉଛି। ଯାହା ରାଜ୍ୟର ବୈଷୟିକ ଏବଂ ପରିବେଶ କ୍ଷେତ୍ରରେ ଯୋଗଦାନ ବୃଦ୍ଧି କରିବ। ଏହି ପରିଦର୍ଶନରେ ଡ. ଫ୍ଲେମିଙ୍ଗଙ୍କ ସହ ସିନିୟର୍ ସେକ୍ଟର ମ୍ୟାନେଜର, ଇନ୍‌ଫ୍ରାଷ୍ଟ୍ରକଚର୍ ରିଷିକେଶ୍ ଚନ୍ଦା, ସିନିୟର୍ କ୍ଲାଇମେଣ୍ଟ ଚେଞ୍ଜ୍ ଆଣ୍ଡ ଏର୍ନଜି ଆଡ୍‌ଭାଇଜର୍ ଆଣ୍ଡ ଏଫ୍‌ସିଡିଓ ଇଣ୍ଡିଆ ଇଲେକ୍ଟ୍ରିକ୍ ମୋବିଲିଟି ପଲିସି ଲିଡ୍ ହଇମନ୍ତି ପୋଦାର୍, ଆସିଷ୍ଟାଣ୍ଟ କମ୍ୟୁନିକେସନ୍ ଇଭେଣ୍ଟ ଆଣ୍ଡ ଭିଜିଟ୍ ଅଫିସର୍ ସ୍ୱର୍ଣ୍ଣମୟୀ ଶତପଥୀ ଗସ୍ତରେ ସାମିଲ ହୋଇଥିଲେ। ଏହି ଆଲୋଚନାରେ ଫିନେଷ୍ଟ ଓଡ଼ିଶାର କର୍ପୋରେଟ୍ ଅଫେୟାର୍ସର ନିର୍ଦ୍ଦେଶକ ଅସୀମ୍ ଅମିତାଭ ହରିଚନ୍ଦନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ପରାମର୍ଶଦାତା ସୋମନାଥ ପଟ୍ଟନାୟକ ଏବଂ ବିଏନ୍‌ପି ଗ୍ରୁପ୍‌ର ନିର୍ଦ୍ଦେଶକ ଗୌତମ ଦାସ ଉପସ୍ଥିତ ଥିଲେ।

## ରୋଡ୍ ଟୁ ସ୍କୁଲ୍ ଓଡ଼ିଶା ପକ୍ଷରୁ ଜାତୀୟ ଶିଶୁ କନ୍ୟା ଦିବସ




**ଭୁବନେଶ୍ୱର, ୨୭।୧(ସମିସ):** ରୋଡ୍ ଟୁ ସ୍କୁଲ ଓଡ଼ିଶା ପକ୍ଷରୁ ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଏମ୍‌ସି ମେୟର ସୁଲୋଚନା ଦାସ, ସମ୍ମାନିତ ଅତିଥିଭାବେ ସମାଜସେବୀ ଝରଣା ସ୍ୱାଇଁ, ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ଭାଲିନା ଭାଲେଣ୍ଟିନା, କିମ୍‌ସର ଡ.ପ୍ରିୟଙ୍କା ମହାନ୍ତି, ରୋଡ ଟୁ ସ୍କୁଲ ଓଡ଼ିଶାର ପ୍ରକଳ୍ପ ପ୍ରବନ୍ଧକ ତେଜସ୍ୱିନୀ ପାଣିଗ୍ରାହୀ, ରେଲୱେ କଲୋନୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉର୍ବଶୀ ନନ୍ଦ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କନ୍ୟା ସନ୍ତାନଙ୍କ ପ୍ରତି ହେଉଥିବା ଆଚରଣକୁ ଦୂର କରିବା ସହ ପୁଅ ଝିଅ ମଧ୍ୟରେ ଅସମାନତା ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ରୋଡ୍ ଟୁ ସ୍କୁଲର ସଂଯୋଜିକା ଭାବ୍ୟବତୀ ସୁବୁଦ୍ଧି ଓ ନିହାରିକା ପଣ୍ଡା ପରିଚାଳନା କରିଥିଲେ।

### ଷ୍ଟିୱାର୍ଟ ସ୍କୁଲ୍ ପକ୍ଷରୁ ଜାତୀୟ କନ୍ୟା ଦିବସ

ଷ୍ଟିୱାର୍ଟ ସ୍କୁଲ ପକ୍ଷରୁ ଜାତୀୟ କନ୍ୟା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାୟ ହଜାରେ ପାଖାପାଖି ଛାତ୍ରଛାତ୍ରୀ କନ୍ୟାର ଅଧିକାର ଓ ଉନ୍ନତି ସମ୍ପର୍କରେ ଲେଖାଥିବା କାର୍ଡ ଧରି ଏକ ଶୋଭାଯାତ୍ରାରେ ବାହାରିଥିଲେ। ସ୍କୁଲର ଅଧ୍ୟକ୍ଷା ଡ. ରଶ୍ମିରେଖା ସେନାପତି ସହଯୋଗରେ ଏହି କାର୍ଯ୍ୟକ୍ରମ ଚାଲିଥିଲା।

# ରାଜଧାନୀରେ ଜନ ଗଣ ମନ...



ପ୍ରତିବର୍ଷ ଭଳି ଚଳିତ ବର୍ଷ ରାଜଧାନୀ ନିଉଜ ପେପର୍ ହକର୍ ୟୁନିଅନ ତରଫରୁ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ବିଏମ୍‌ସି ୧୨ ନମ୍ବର ୱାର୍ଡ କର୍ପୋରେଟର ଜୟନ୍ତୀ ସାହୁ ପତାକା ଉତ୍ତୋଳନ କରିଥିଲେ। ଏଥିରେ ଚନ୍ଦ୍ରଶେଖରପୁରରେ ବିଭିନ୍ନ ହକ୍ସର ସଂଗଠନର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ।



**ଓଏଚ୍‌ପିସି:**

**ଭୁବନେଶ୍ୱର, ୨୭।୧(ସମିସ):** ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେସନ ଲିମିଟେଡ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କର୍ପୋରେଟ ଅଫିସରେ ନିର୍ଦ୍ଦେଶକ(ଅର୍ଥ) ପ୍ରଣବ କୁମାର ମହାନ୍ତିଙ୍କ ଉପସ୍ଥିତିରେ ପରିଚାଳନା ନିର୍ଦ୍ଦେଶକ ଅମରେଶ କୁମାର ପତାକା ଉତ୍ତୋଳନ କରିଥିଲେ। ଜାତୀୟ ପତାକା ଓ ତ୍ରିରଙ୍ଗୀୟ ବ୍ୟାଚ କର୍ମଚାରୀଙ୍କୁ ବଣ୍ଟନ କରାଯାଇଥିଲା। ସେହିପରି ଓଏଚ୍‌ପିସିର ଚନ୍ଦକାରେ ଥିବା ଟ୍ରେନିଂ ସେଣ୍ଟରରେ ନିର୍ଦ୍ଦେଶକ(ଏଚ୍‌ଆର) ସୁବାସ ଚନ୍ଦ୍ର ଜେନା ପତାକା ଉତ୍ତୋଳନ କରିଥିଲେ।

**ଏମ୍ସ :** ଏମ୍ସ ଭୁବନେଶ୍ୱରରେ ୭୫ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ଡିନ୍ ଡ. ପି.ଆର୍ ମହାପାତ୍ର, ଡ.ସତ୍ୟଜିତ ମିଶ୍ର, ଡ.ସୌଭାଗ୍ୟ କୁମାର ଜେନା, ମେଡିକାଲ ଅଧୀକ୍ଷକ ଡ.ଦିଲ୍ଲୀପ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ଡିଡିଏ ରଶ୍ମି ରଞ୍ଜନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

**କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ :** କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ସମସ୍ତ



ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ଗହଣରେ କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଓ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚେୟାରମ୍ୟାନ ଡ. ଚିତ୍ତରଞ୍ଜନ ମିଶ୍ର, ଅଧ୍ୟକ୍ଷ ଉଦୟ ଶଙ୍କର ଆଚାର୍ଯ୍ୟ ଓ ଉପାଧ୍ୟକ୍ଷ ଡ. ରୁଦ୍ର ମୋହନ ନନ୍ଦ ସାମିଲ୍ ହୋଇଥିଲେ। ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ଉଦୟ ଶଙ୍କର ଆଚାର୍ଯ୍ୟ ବାବା ସାହେବ ଆମ୍ବେଦକରଙ୍କ ବିଷୟରେ ଆଲୋଚନା କରିଥିଲେ। ଉପାଧ୍ୟକ୍ଷ ଡ. ରୁଦ୍ରମୋହନ ନନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟସ୍ତରରେ ରସାୟନ ବିଜ୍ଞାନ ଅଲମ୍ପିୟାଡ୍‌ରେ ୨୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିବା ସୁମନ୍ତ ସାହାଣୀ ୧୧ତମ ଓ ସୁଜିତ କୁମାର ସାହୁ ୧୩ତମ ସ୍ଥାନ ରଖି ବିଦ୍ୟାଳୟର ଗାରିମା ରଖିଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ନୀଳାଦ୍ରି ବିହାର :** ସାଧାରଣତନ୍ତ୍ର ଦିବସ ଅବସରରେ ନୀଳାଦ୍ରି ବିହାର ବରିଷ୍ଠ ନାଗରିକ ଟ୍ରଷ୍ଟ ପକ୍ଷରୁ ପତାକା ଉତ୍ତୋଳନ କରାଯାଇଛି। ବଂଶୀଧର ସେଠୀଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବନେତା ମନୋଜ କୁମାର ସାହୁ, ସଭାପତି ସାଧୁଚରଣ ସାମନ୍ତରାୟ, ମାନଗୋବିନ୍ଦ ସେଠୀ, ମାଗୁଣି ପାତ୍ର, ବିଜୟ ପଟ୍ଟନାୟକ, ଅଜୟ କୁମାର ମଲ୍ଲିକ୍, ମହିଳା କ୍ଲବ୍‌ର ସଭାନେତ୍ରୀ ଉଷାରାଣୀ ସେଠୀ ଉପସ୍ଥିତ ଥିଲେ। ସେହିଭଳି ନୀଳାଦ୍ରିବିହାର ଆବାସିକ ସଂଘ କାର୍ଯ୍ୟାଳୟଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସଂଘର ଉପଦେଷ୍ଟା ତଥା ବରିଷ୍ଠ ଆଇନଜୀବୀ ମନମୋହନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ କାର୍ଯ୍ୟକାରୀ ସଭାପତି ଅମିତାଭ ମଲ୍ଲିକ, ସଂଘର ସମ୍ପାଦକ ଦେବେନ୍ଦ୍ର ପାତ୍ର, କୋଷାଧ୍ୟକ୍ଷ ଅରୁଣ କୁମାର ଦେ ଉପସ୍ଥିତ ଥିଲେ।

**ଏଫ୍‌ଏଫ୍‌ସି :** ଫନ୍ ଆଣ୍ଡ ଫିଟ୍‌ନେସ୍ ୱାକର୍ସ କ୍ଲବ୍ ଶତାଧିକ ପ୍ରାତଃଭ୍ରମଣକାରୀ ଓ ସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ ସାଧାରଣତନ୍ତ୍ର ଦିବସ ପାଳନ କରିଛି। ଏହି ଅବସରରେ ୪ଜଣ ଛାତ୍ରଛାତ୍ରଙ୍କୁ ମୁଖ୍ୟଅତିଥି ସୂର୍ଯ୍ୟନାରାୟଣ ଦାସ ଓ ମୁଖ୍ୟବକ୍ତା ଶିଳ୍ପ ଉଦ୍ୟୋଗୀ ନିକୁଞ୍ଜ ଛୋଟରାୟ ପୁରସ୍କୃତ କରିଥିଲେ। ସଭାପତି ଆଶିଷ ପଟ୍ଟନାୟକ, ସମ୍ପାଦକ ସୁଧାକର ଷଡଙ୍ଗୀ, ଶ୍ରଦ୍ଧା ଦାସ, ଅଜିତ ପ୍ରସାଦ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ସେହିଭଳି ଶୈଳଶ୍ରୀବିହାରସ୍ଥିତ ଆଇସିଏ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ସଚିନ କୁମାର ମହାପାତ୍ର, ଟିସିଏସ୍‌ର ସିଏସ୍‌ଆର୍ ମୁଖ୍ୟ ବିମଳ କୁମାର ରାଉଳ, ଉଦ୍ୟୋଗପତି ବୋଧିସତ୍ୱ ସଂଘପ୍ରିୟ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ଅଂଶୁମାନ ଦାସ, ଅମୂଲ୍ୟ କୁମାର ସାହୁ ଓ ଶିକ୍ଷାନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**କିଟ୍ ଓ କିସ୍ :** କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗିନିର ନ୍ୟାସନାଲ୍ ଟ୍ରାନଜିସନ୍ କାଉନସିଲ୍ ପ୍ରେସିଡେଣ୍ଟ ଡ. ଦନଶା କୋରୋମା ଯୋଗଦେଇଥିବା ବେଳେ ପ୍ରାକ୍ତନ ଲେଫ୍ଟନାଣ୍ଟ ଜେନେରାଲ ସି ପି ମହାନ୍ତି ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ସହ ସଭାପତି ଶାଶ୍ୱତୀ ବଳ, ଉପସଭାପତି ଉମାପଦ ବୋଷ, ସମ୍ପାଦକ ଆର ଏନ୍ ଦାଶ, କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ ପରିଜା ପ୍ରମୁଖ ଯୋଗ ଦେଇଥିଲେ।

**ସୋଆ :** ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରେ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସୋଆର କୁଳାଧିପତି ପ୍ରଫେସର (ଡ.) ଅମିତ ବାନାର୍ଜୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ୍‌ରେ ଆୟୋଜିତ ଏହି ସମାରୋହରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ବିଭିନ୍ନ ଅନୁଷ୍ଠାନର ଡିନ୍, ନିର୍ଦ୍ଦେଶକ, ଛାତ୍ର ଏବଂ ଅଧିକାରୀମାନେ ଉପସ୍ଥିତ ଥିଲେ। ସୋଆ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ :** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମାଜସେବୀ ପ୍ରହ୍ଲାଦ ଅଧିକାରୀ, କୁଳସଚିବ ଅନାମିକା ଅଧିକାରୀ ଓ ବିଭାଗ ମୁଖ୍ୟ ଡ.ଚକ୍ରଧର ବେହେରା ଯୋଗଦେଇଥିଲେ।

**ନୀଳାଦ୍ରି ବିହାର ବରିଷ୍ଠ ନାଗରିକ ଟ୍ରଷ୍ଟ :** ନୀଳାଦ୍ରି ବିହାର ବରିଷ୍ଠ ନାଗରିକ ଟ୍ରଷ୍ଟ ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସମ୍ପାଦକ ବଂଶୀଧର ସେଠୀଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବନେତା ମନୋଜ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ସାଧୁଚରଣ ସାମନ୍ତରାୟ, ମାନଗୋବିନ୍ଦ ସେଠୀ, ମାଗୁଣି ପାତ୍ର, ବିଜୟ ପଟ୍ଟନାୟକ, ଅଜୟ କୁମାର ମଲ୍ଲିକ୍, ମହିଳା କ୍ଲବ୍‌ର ସଭାନେତ୍ରୀ ଉଷାରାଣୀ ସେଠୀଙ୍କ ସମେତ ସମସ୍ତ ସଦସ୍ୟ ସଦସ୍ୟା ଓ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ।

**ବିଜେଇଏମ୍ ସ୍କୁଲ:** ରାଜଧାନୀର ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ




ଅତିଥିଭାବେ ବିଦ୍ୟାଳୟର ସଭାପତି ରଘୁନାଥ ମିଶ୍ର ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ଶ୍ରୀ ମିଶ୍ରଙ୍କ ସମେତ ଭାସ୍କର୍ଯ୍ୟଶିଳ୍ପୀ ସରୋଜ କୁମାର ଭଞ୍ଜ, ବିଚାରକ ଅଞ୍ଜନ କୁମାର ମହାନ୍ତି, ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଶ୍ରେଷ୍ଠ ପରେଡ୍ ପ୍ରଦର୍ଶନ ପାଇଁ ଶ୍ରବଣ ହାଉସ ଓ ଏନ୍‌ସିସି ନାଭାଲ ୱିଙ୍ଗକୁ ସମ୍ମାନିତ କରାଯାଇଥିଲା। ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ସତ୍ୟନଗର ପାର୍କ :** ସତ୍ୟନଗର ସାଂସ୍କୃତିକ ଉନ୍ନୟନ ପରିଷଦ ତରଫରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉମେଶ ଚନ୍ଦ୍ର ପଟ୍ଟନାୟକ, ସଚ୍ଚିଦାନନ୍ଦ ମିଶ୍ର, କର୍ପୋରେଟର ପୁଷ୍ପାଞ୍ଜଳି ସେଠୀ, ଅଜୟ ପାଣି, ଅନୁଷ୍ଠାନର ସମ୍ପାଦକ ରାଜେନ୍ଦ୍ର ଆଚାର୍ଯ୍ୟ, ଉପସଭାପତି ଲୋକନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୫୦ଜଣ ସଫେଇ କର୍ମଚାରୀ ଓ ୮୦ ଜଣ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା।

**ଓଟିଡିସି :** ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଓଟିଡିସିର ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଓଟିଡିସି ପରିଚାଳନା ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଜେନେରାଲ ମ୍ୟାନେଜର ଡ. ଲଲାଟେନ୍ଦୁ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଟିଡିସିର ବିଭିନ୍ନ ବିଭାଗୀୟ ମୁଖ୍ୟ, ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

**ଆଦିବାସୀପଲ୍ଲୀ :** ଆଦିବାସୀପଲ୍ଲୀ କନ୍ଦଲେଇଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୫ମ ଶ୍ରେଣୀ ଛାତ୍ରୀ ସାବିତ୍ରୀ ଗାଗରାଇ ଅତିଥିଭାବେ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଦକରଙ୍କ ସ୍ମୃତିଚାରଣ କରିଥିଲେ। ପ୍ରକାଶଥାଉକି ୨୦୧୬ରେ ଗ୍ରାମବାସୀମାନେ ଏକାଠି ହୋଇ ପ୍ରଥମଥର ପାଇଁ ସାଧାରଣତନ୍ତ୍ର ଦିବସ ପାଳନ କରିଥିଲେ।

**ବାଟ ମହାବୀର ବ୍ୟବସାୟୀ ସଂଘ :** ୭୫ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଶ୍ରୀ ବାଟ ମହାବୀର ବ୍ୟବସାୟୀ ସଂଘ ପକ୍ଷରୁ ୟୁନିଟ୍-୨ ଠାରେ ସାଧାରଣତନ୍ତ୍ର ଦିବସ ପାଳିତ କରାଯାଇଛି। ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ପତାକା



ଉତ୍ତୋଳନ କରିଥିଲେ। ସଂଘର ସଭାପତି ଦୀପକ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଦୂରଦର୍ଶନ, ଆକାଶବାଣୀ ଓ ସେଣ୍ଟ୍ରାଲ ବ୍ୟୁରୋ ଅଫ କମ୍ୟୁନିକେସନ (ସିବିସି)ର ପୂର୍ବତନ ଉପ ନିର୍ଦ୍ଦେଶକ ସୁଧାଂଶୁ ଶେଖର ଧଡ଼ା, ସାପ୍ତାହିକ ସମ୍ବାଦପତ୍ର 'ଉନ୍ନତି ପଥେ'ର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ ସାହୁ ଓ ରାକେଶ ପାତ୍ର ଯୋଗ ଦେଇଥିଲେ। ଏହି ଉତ୍ସବରେ ମହାବୀର ବ୍ୟବସାୟୀ ସଂଘର ଚିନ୍ତାମଣି ମହାରଣା, ସୁଶାନ୍ତ ସେଣ, ଅକ୍ଷୟ ବେହେରା, ଲିପକ ମହାପାତ୍ର, ଏମ୍‌ଡ଼ି ରିହାନ, ଧନେଶ୍ୱର ପାତ୍ର, ଇସ୍ରାଏଲ ଖାନ ଓ ପ୍ରଶାନ୍ତ ମହାରଣା ଜାତୀୟ ସଙ୍ଗୀତ ଗାନ କରିଥିଲେ।

### ପତାକା ଉଡ଼ାଇଲେ ବସ୍ତିର ପିଲା



ରାଜଧାନୀର ପଣ୍ଡାପାର୍କ ବସ୍ତିରେ ବର୍ଣ୍ଣବୋଧ ପାଠଶାଳାର କୁନିକୁନି ପିଲାଙ୍କ ଗହଣରେ ଯଶୋଦା ମାଆ ଫାଉଣ୍ଡେସନ ପକ୍ଷରୁ ଗଣତନ୍ତ୍ର ଦିବସ ପାଳନ ହୋଇଯାଇଛି। ୧୪ ନମ୍ବର ୱାର୍ଡର କର୍ପୋରେଟର୍ ମୋନାଲିସା ସାହୁ ପତାକା ଉତ୍ତୋଳନ କରିଥିଲେ। ବସ୍ତିର ସଭାପତି ଦିଲ୍ଲୀପ କୁମାର ନାଏକ, ନିରଞ୍ଜନ ନାୟକ ସହଯୋଗ କରିଥିଲେ।

**ଇନ୍ଦିରା ପାର୍କ ମର୍ଣ୍ଣିଂ ୱାକର୍ସ ଆସୋସିଏସନ୍ :** ୭୫ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଇନ୍ଦିରାଗାନ୍ଧୀ ପାର୍କସ୍ଥିତ ଇନ୍ଦିରା ପାର୍କ ମର୍ଣ୍ଣିଂ ୱାକର୍ସ ଆସୋସିଏସନ୍ ପକ୍ଷରୁ ପାର୍କ ପରିସରରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଏଥିରେ ଦୂରଦର୍ଶନ, ଆକାଶବାଣୀ ଓ ସେଣ୍ଟ୍ରାଲ ବ୍ୟୁରୋ ଅଫ୍ କମ୍ୟୁନିକେସନ (ସିବିସି)ର ପୂର୍ବତନ ଉପନିର୍ଦ୍ଦେଶକ ସୁଧାଂଶୁ ଶେଖର ଧଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ସାଧାରଣତନ୍ତ୍ର ଦିବସର ମହତ୍ତ୍ୱ ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆସୋସିଏସନ୍‌ର ଆବାହକ ତଥା କ୍ରୀଡ଼ା ସଂଗଠକ ଶକ୍ତି ରଞ୍ଜନ ମହାନ୍ତି, ସାପ୍ତାହିକ ସମ୍ବାଦପତ୍ର 'ଉନ୍ନତି ପଥେ'ର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଷ୍ଟେଟ ବ୍ୟାଙ୍କର ବରିଷ୍ଠ ଅଧିକାରୀ ସିଦ୍ଧାର୍ଥ ସାମଲ, ସଚିବାଳୟ କର୍ମଚାରୀ ନେତା ପତିତପାବନ ନାଥ ଶର୍ମା, ମଧୁମିତା ପତ୍ରିକାର ସମ୍ପାଦିକା ମଧୁସ୍ମିତା ପରିଡ଼ା ପ୍ରମୁଖ ଜାତୀୟ ସଙ୍ଗୀତ ଗାନ କରିଥିଲେ।

**ଚକେଇସିଆଣି :** ଚକେଇସିଆଣି ଡେଭେଲପ୍‌ମେଣ୍ଟ କମିଟି ତରଫରୁ ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ଚକେଇସିଆଣୀ ଯାତ୍ରା ପଡ଼ିଆ ଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ଏହି ଅବସରରେ କମିଟିର ସଭାପତି ସନ୍ତୋଷ ମହାନ୍ତି, କମିଟିର ସାଧାରଣ ସମ୍ପାଦକ କେଦାରନାଥ ଦାସ ପତାକା ଉତ୍ତୋଳନ କରିଥିଲେ। ଉତ୍ସବରେ ୱାର୍ଡ଼ ନମ୍ବର ୫ର ପୂର୍ବତନ କର୍ପୋରେଟର ନିର୍ମଳ ଚନ୍ଦ୍ର ରାଉତ, ବିଜୟ ରାଉତ, ପ୍ରଦୀପ ସ୍ୱାଇଁ, ଦାଶରଥି ରାଉତ, ଦିଲିପ ମଙ୍ଗରାଜ, ସଞ୍ଜୟ ଦାସ ଉପସ୍ଥିତ ଥିଲେ।




**ନାଲ୍‌କୋ:** ଖଣି ମନ୍ତ୍ରାଳୟ ଅଧୀନ ନବରତ୍ନ ଉଦ୍ୟୋଗ ନାଲ୍‌କୋର କର୍ପୋରେଟ୍ କାର୍ଯ୍ୟାଳୟ, ସମସ୍ତ ଉତ୍ପାଦନ ୟୁନିଟ୍ ଏବଂ ଅନ୍ୟାନ୍ୟ କାର୍ଯ୍ୟାଳୟଗୁଡ଼ିକରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଓଡ଼ିଶାର କୋରାପୁଟ ଜିଲ୍ଲା ଦାମନଯୋଡ଼ିଠାରେ ଥିବା ନାଲ୍‌କୋ ମାଇନସ୍ ଏବଂ ରିଫାଇନାରୀ କମ୍ପ୍ଲେକ୍ସରେ ସିଏମ୍‌ଡି ଶ୍ରୀଧର ପାତ୍ର ପତାକା ଉତ୍ତୋଳନ କରିଥିଲେ। କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ, ସ୍କୁଲର ଛାତ୍ରଛାତ୍ରୀ, ସୁରକ୍ଷାକର୍ମୀ ଏବଂ ପାରିପାର୍ଶ୍ୱିକ ଅଞ୍ଚଳରୁ ଆସିଥିବା ଲୋକମାନଙ୍କର ସମାବେଶକୁ ସମ୍ବୋଧିତ କରି ଶ୍ରୀ ପାତ୍ର ପ୍ରତ୍ୟେକ ଭାରତୀୟଙ୍କୁ ଆମ ସମ୍ବିଧାନର ମୂଳ ମୂଲ୍ୟବୋଧକୁ ବଜାୟ ରଖିବାକୁ ଏବଂ ଦାୟିତ୍ୱବାନ ନାଗରିକ ଭାବରେ ରାଷ୍ଟ୍ର ନିର୍ମାଣରେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଭୁବନେଶ୍ୱରସ୍ଥିତ କର୍ପୋରେଟ୍ କାର୍ଯ୍ୟାଳୟରେ ପୂର୍ବତନ ଭାରପ୍ରାପ୍ତ ସିଏମ୍‌ଡି ଗଦାଧର ଉପାଧ୍ୟାୟ ଜାତୀୟ ପାତାକା ଉତ୍ତୋଳନ କରିଥିଲେ।

